# ଏକକ ୪ କଳା ଶିକ୍ଷାର ଯୋଜନା ଓ ସଙ୍ଗଠନ



## ସଂରଚନା


୪.୦. ଉପକ୍ରମ

୪.୧. ଶିକ୍ଷଣର ଉଦ୍ଦେଶ୍ୟ

୪.୨. ପ୍ରାଥମିକ ଶ୍ରେଣୀ ପାଇଁ କଳା ଅନୁଭୂତି ଯୋଜନା (ଶିକ୍ଷଣ କାର୍ଯ୍ୟ ଓ ସମୟ ନିର୍ଘଣ୍ଟ)

୪.୩. କଳା ଅନୁଭୂତିର ସାମଗ୍ରୀ ଓ ସ୍ଥାନର ସଙ୍ଗଠନ

୪.୪. କଳା ଅନୁଭୂତି ପାଇଁ ସଙ୍ଗଠନ ଓ ସହାୟତା

୪.୫. ସାରାଂଶ

୪.୬. ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୪.୭. ଅଧିକ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୪.୮. ପାଠାନ୍ତ ପ୍ରଶ୍ନାବଳୀ


## ୪.୦. ଉପକ୍ରମ

ଏହାର ପୂର୍ବବର୍ତ୍ତୀ ଅଧ୍ୟାୟମାନଙ୍କରେ ତୁମେ ଦୃଶ୍ୟ ଓ ଅଭିନୟ ସମ୍ପାଦନ କଳାର ମହତ୍ତ୍ୱ ଓ ଗୁରୁତ୍ୱ ସମ୍ବନ୍ଧରେ ପଢ଼ିଛ । ସମ୍ପାଦନ କରିବା କଳାର ବ୍ୟାପକ କ୍ଷେତ୍ର ଆମ ପାଇଁ ଏକ ଆହ୍ୱାନ ଓ ସମ୍ପତ୍ତି ଯାହା ପରବର୍ତ୍ତୀ ପିଢ଼ିକୁ ଦିଆଯିବ । ଏହା ଅନ୍ତର୍ଭୁକ୍ତ କଳାର ନିର୍ଦ୍ଦିଷ୍ଟ ରୂପ ଯଥା ସଙ୍ଗୀତ, ନାଚ, ନାଟକ, କଣ୍ଢେଇ ନାଚ, ଚିତ୍ରକଳା, ଚିତ୍ରାଙ୍କନ, ପଥର ଭାସ୍କର୍ଯ୍ୟ, ଫଟୋଗ୍ରାଫି, କଣ୍ଢେଇ ପ୍ରସ୍ତୁତି, କବିତା ଆବୃତ୍ତି ସହ ସାମାଜିକ ବିଜ୍ଞାନର ବିଭିନ୍ନ କ୍ଷେତ୍ର, ଗଣିତ, ସୌନ୍ଦର୍ଯ୍ୟବୋଧ ଓ ସାହିତ୍ୟ ମଧ୍ୟ ଅନ୍ତର୍ଭୁକ୍ତ । ଏହା ମହାସାଗର ପରି ବିଶାଳ ଓ ଏଥିରେ କେତୋଟି ବୁଡ଼ ପକାଇଲେ ଶିକ୍ଷାର୍ଥୀ ଓ ଶିକ୍ଷକ ଏଥିରୁ ଜ୍ଞାନରୂପକ ମୁକ୍ତା ଆହରଣ କରିବେ । ଏହାର ସମ୍ପାଦନ ପାଇଁ ପନ୍ଥା ଗୁଡ଼ିକର ଅଧ୍ୟୟନ ଆଗରୁ ହୋଇଛି ଏବଂ ବର୍ତ୍ତମାନ ଆମେ ଆଗକୁ ଆଲୋଚନା କରିବା ।

ଏହା ମାନିବାକୁ ହେବ ଯେ ଶିଶୁ ନିଜକୁ ପ୍ରକାଶ କରିବାରେ ଜନ୍ମସିଦ୍ଧ ଆକାଂକ୍ଷା ଅଛି । ପ୍ରାରମ୍ଭିକ ବର୍ଷରେ ଯେତେବେଳେ ଶିଶୁକୁ ଏକ ମାଧ୍ୟମ ଯଥା କାଗଜ, ରଙ୍ଗ, ଗତି, ଗୀତ, ସଂଳାପ, ଦିଆଯାଏ ତା'ର ସେଇ ସ୍ୱାଭାବିକ ପ୍ରବୃତ୍ତିର ଲାଳନପାଳନ ହୁଏ । ଶିକ୍ଷକଙ୍କ ଦ୍ୱାରା ସହାୟତା, ଜ୍ଞାନ, ଉତ୍ସାହ ଯୋଗାଇବା ଶିକ୍ଷଣ ପ୍ରକ୍ରିୟାକୁ ଯଥେଷ୍ଟ ସହାୟତା ଦେଇଥାଏ ।

ତେଣୁ ଯଥାଯଥ କୌଶଳ ସହ ଯୋଜନା ଓ ସଙ୍ଗଠନ ହେବା ଆବଶ୍ୟକ । ଜଣେ ଶିକ୍ଷକ କଳା ଶିକ୍ଷାର ବିଷୟ ଗୁଡ଼ିକର ଯୋଜନା ଓ ସଙ୍ଗଠନ କରିପାରୁଥିବା ଦରକାର । ଏହା ବିଭିନ୍ନ ପନ୍ଥା ଓ ସାମଗ୍ରୀ ସମ୍ବନ୍ଧରେ ଧାରଣା(ଜ୍ଞାନ) ଦେବ ଓ ଦୃଶ୍ୟକଳା କ୍ଷେତ୍ରରେ ତା'ର ଉପଲବ୍ଧି, ରକ୍ଷଣାବେକ୍ଷଣ ଓ ସହାୟକ ହେବାର ବ୍ୟବସ୍ଥା କରିବ । ସମ୍ପାଦନ କରିବା କଳା କ୍ଷେତ୍ରରେ ବିଭିନ୍ନ କଳାତ୍ମକ କାର୍ଯ୍ୟକରିବା ପଦ୍ଧତିର କାର୍ଯ୍ୟକାରୀ କରିବାରେ ମଧ୍ୟ ଏହା ଆବଶ୍ୟକ । ସ୍ଥାନ, ସମୟ, ବେଶଭୂଷା ଇତ୍ୟାଦିର ଯୋଜନା ହେବା ଆବଶ୍ୟକ । ସମଗ୍ର ପ୍ରକରଣ ପାଇଁ ଏକ ପ୍ରାକ୍ ପ୍ରସ୍ତୁତି ଦରକାର ଯାହା ଫଳରେ ସର୍ବାଧିକ ଫଳ ମିଳିବ ।



ଟିପ୍ପଣୀ

## ୪.୧. ଶିକ୍ଷାର ଉଦ୍ଦେଶ୍ୟ ସମୂହ

ଏହି ପାଠଟି ପଢିବା ପରେ ତୁମେ -

- ନିଜ ଶ୍ରେଣୀରେ କଳା ଶିକ୍ଷାର ଏକ ଶିକ୍ଷଣ କାର୍ଯ୍ୟର ଯୋଜନା କରିପାରିବ ।
- ସଙ୍ଗଠନର ଉଦ୍ଦେଶ୍ୟ ଓ ଗୁରୁତ୍ୱ ବର୍ଣ୍ଣନା କରିପାରିବ ।
- ବିଭିନ୍ନ ପ୍ରକାର ସଙ୍ଗଠନ ଓ ସହାୟତା ସ୍ଥିର କରିପାରିବ ।
- କଳା ଆଧାରିତ ଅନୁଭୂତି ପାଇଁ ଆବଶ୍ୟକ ସାମଗ୍ରୀର ତାଲିକା କରିପାରିବ ।
- କଳାତ୍ମକ ଅନୁଭୂତି ପାଇଁ ସାମଗ୍ରୀ ଓ ସ୍ଥାନର ଯଥାଯଥ ସଙ୍ଗଠନ କରିପାରିବ ।
- କଳାତ୍ମକ ଅନୁଭୂତି ପାଇଁ ପିଲାଙ୍କୁ ସହାୟତା ଦେଇପାରିବ ।

## ୪.୨. ପ୍ରାଥମିକ ସ୍ତରରେ କଳାତ୍ମକ ଅନୁଭୂତିର ଯୋଜନା

କୌଣସି କଳାତ୍ମକ ଅନୁଭୂତିର ଯୋଜନା ପାଇଁ ଶିକ୍ଷକ ନିମ୍ନ ବିଷୟରେ ସଚେତନ ହେବା ଦରକାର ।

- ଶିଶୁର ମାନସିକ ଦକ୍ଷତା ଯେଉଁଥିରେ ଦୃଶ୍ୟ ଚିତ୍ର ଥାଏ, ଅବାସ୍ତବ କଳ୍ପନା ଆନନ୍ଦ ଓ ଉଦ୍ଦୀପନା ଥାଏ ।
- ବ୍ୟକ୍ତିଗତ ଶିକ୍ଷଣ ଆବଶ୍ୟକତାକୁ ବୁଝିବା ଓ ସହାୟତା ଦେବା ।
- କୌଣସି କଳାତ୍ମକ ରୂପର ବାସ୍ତବ ଅନୁଭୂତି ପ୍ରଦାନ ।
- ମୂଳ ଉପାଦାନ ଯେପରି ଆରାମଦାୟକ ସ୍ଥାନ, ପରିଷ୍କାର ଓ ପ୍ରଦୂଷଣ ରହିତ ପରିବେଶ, ସଙ୍ଗୀତ ଯନ୍ତ୍ରପାତି (ସଙ୍ଗୀତ ଓ ନାଚ ପାଇଁ) କଲମ, କାଗଜ, ରଙ୍ଗ (ଦୃଶ୍ୟକଳା ପାଇଁ) ଉପଲବ୍ଧ ହେବ ।

### ୪.୨.୧. କଳାତ୍ମକ ଅନୁଭୂତିର ଅର୍ଥ କ'ଣ ?

ଶିକ୍ଷାର୍ଥୀ ନିଜକୁ ପ୍ରକାଶ କରିବା ପାଇଁ କଳା ବିବିଧ କ୍ଷେତ୍ର ଯୋଗାଇଥାଏ । ଯେପରି ଗ୍ରହଣ କରିବା ଓ ସଞ୍ଚାର କରିବା ସାଧନ ରୂପେ ଭାଷାର କିଛି ସୀମା ଅଛି, ତେଣୁ ଏହା ଦୃଶ୍ୟ କଳା, ସଙ୍ଗୀତ ଓ ନାଚ ପ୍ରଭୃତି ପରିପୂରକ ଦ୍ୱାରା ପୁଷ୍ଟ ହେବା ଆବଶ୍ୟକ - ନନ୍ଦଲାଲ୍ ବୋଷ୍ ।

ଏକ ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ଜଣକର ଶାରୀରିକ, ମାନସିକ, ବୌଦ୍ଧିକ, ଆବେଗିକ ଓ ଆଧ୍ୟାତ୍ମିକ ଏପରି ସବୁ ଦିଗକୁ ବିଚାରକୁ ନିଏ । ଅଧିକାଂଶ କଳାତ୍ମକ କାର୍ଯ୍ୟ ବହୁମୁଖୀ ଅଟନ୍ତି ଏବଂ ଜଣକର ଉପରୋକ୍ତ ଗୋଟିଏ ବା ଅଧିକ ଦିଗକୁ ବ୍ୟାପ୍ତ ହୁଏ ଏବଂ ଚିନ୍ତା କରିବା ସହ କିଛି କରିବା ମଧ୍ୟ ସାଥେ ସାଥେ ହେବାର ଅବକାଶ ଦିଏ । ଚିତ୍ରାଙ୍କନ, ନାଚ, ଗୀତ ଗାଇବା, ମାଟି କାମ, ଗଳ୍ପ କଥନ, ଅଭିନୟ ବା ସଙ୍ଗୀତର ଏକ ଯନ୍ତ୍ର ବଜାଇବାରେ ଅନେକ ଶାରୀରିକ, ମାନସିକ ଓ ବୌଦ୍ଧିକ କ୍ରିୟା ସମ୍ପୃକ୍ତ ଥାଏ । ଏଥିରେ ଆହ୍ୱାନ ମଧ୍ୟ ଥାଏ ଓ ମସ୍ତିଷ୍କର ବିଭିନ୍ନ ଦିଗ ଏକା ସାଙ୍ଗରେ କାମ କରେ । ଏହା ବ୍ୟତୀତ ଏହି ସବୁ କାର୍ଯ୍ୟ ନିଜର ସୃଜନାତ୍ମକ ଦିଗ ସହିତ ଯୋଡ଼ି ହେବା ପାଇଁ ଜଣକୁ ଅବସର /ସୁଯୋଗ ଦେଇଥାଏ । ଏ କ୍ଷେତ୍ରରେ ଜଣେ ମୁକ୍ତ ଭାବରେ ଅନୁଭବ କରିବା, ପ୍ରକାଶ କରିବା, ବିନିମୟ କରିବା ଓ ସୌନ୍ଦର୍ଯ୍ୟ ସୃଷ୍ଟି କରିବା ସୁଯୋଗ ଥାଏ । ଏଠି ଠିକ୍-ଭୁଲ୍ ରୂପେ କାହା ଦ୍ୱାରା ନିରୂପିତ ହେବାର ଭୟ ନଥାଏ । ଅନ୍ୟ ଭାଷାରେ କହିଲେ ଆମ ଭିତରେ ଥିବା ଶିଶୁ ସହ ଯୋଡ଼ି ହେବା ସୁଯୋଗ ସୃଷ୍ଟି ହୁଏ । ଏସବୁ ଦୃଷ୍ଟିରୁ କଳାତ୍ମକ ଶିକ୍ଷା ଯଦି ଠିକ୍ ଭାବରେ କାର୍ଯ୍ୟକାରୀ ହୁଏ ଏହା ଅତ୍ୟନ୍ତ ଫଳପ୍ରଦ ହୋଇଥାଏ ।

କଳାତ୍ମକ ଅନୁଭୂତି ଏକ ପ୍ରକ୍ରିୟା ଯାହାର ମୂଳ ଉପାଦାନ ସାମଗ୍ରୀ ଭିତ୍ତିକ ବା ଯାନ୍ତ୍ରିକ ନୁହଁ, ବରଂ ଅନୁଭୂତିର

ବିଭିନ୍ନ ସ୍ତର ଅଟେ । ଏକ ଅନୁଭୂତି ବ୍ୟକ୍ତିଗତ ରୂପେ ତୁମ ଜୀବନକୁ ପ୍ରଭାବିତ କରେ । କଳାତ୍ମକ ଅନୁଭୂତି ଏପରି ବହୁମୁଖୀ ଶିକ୍ଷଣ ଦେଇଥାଏ । କଳାତ୍ମକ ଅନୁଭୂତିର ପ୍ରତ୍ୟେକ ସୋପାନରେ ଏକ ନିଷ୍ପତ୍ତି ନେବା ଆବଶ୍ୟକ ଥାଏ । କେଉଁ ରଙ୍ଗ ବ୍ୟବହାର ହେବ? କେମିତି ଏକ ଗାର ଟଣା ହେବ? । ଜିନିଷଟି କେଉଁ ଆକାରର ହେବ? କ'ଣ କରିବାକୁ ହେବ?

ପ୍ରତ୍ୟେକ ପସନ୍ଦରେ କଳା ଅଧିକରୁ ଅଧିକ ଏକ ବ୍ୟକ୍ତିଗତ ଅନୁଭୂତି ହୋଇଯାଏ, ଯାହା ଅନେକଙ୍କ ସହ ବିନିମୟ ହୁଏ ।

କଳାତ୍ମକ ଅନୁଭୂତି ଜରିଆରେ ଶିଶୁ ଅମୂର୍ତ୍ତ ଧାରଣା ଗୁଡ଼ିକର ଦୃଶ୍ୟ ରୂପେ ସୃଷ୍ଟି କରେ ।

କଳାତ୍ମକ ଅନୁଭୂତି ଅନ୍ତର୍ଗତ ଦିଗଗୁଡ଼ିକ ହେଲା -

- ଯେଉଁ ଦୁନିଆକୁ ସେମାନେ ଜାଣନ୍ତି ଓ ରହନ୍ତି ।
- ମଣିଷ ଓ ଅନ୍ୟ ପ୍ରାଣୀ ।
- ଅବାସ୍ତବ କଳ୍ପନା ଓ ରହସ୍ୟ ସମୂହ ।

ଏ ଅବସରରେ ପିଲାଏ ଅନୁଭୂତିରେ ବଢ଼ନ୍ତି ଯାହା ବାସ୍ତବ ବା କାଳ୍ପନିକ ଭାବରେ ଅଭିନ୍ନ ହୋଇଥାଏ ।

ନିଜକୁ ନିଜେ ପରଖିବା - ୧

୧. କଳାତ୍ମକ ଅନୁଭୂତି କହିଲେ ତମେ କ'ଣ ବୁଝ?

..........................................................................................................................

..........................................................................................................................

..........................................................................................................................

୨. କଳାକୁ ଅନୁଭବ କରିବା ପାଇଁ ସୁଯୋଗ ଦେବା କାହିଁକି ଜରୁରୀ?

..........................................................................................................................

..........................................................................................................................

..........................................................................................................................

୩. ତୁମେ ଯୋଜନା କରିବାକୁ ଥିବା ଯେକୌଣସି କଳାତ୍ମକ ଅନୁଭୂତି ବର୍ଣ୍ଣନା କର?

..........................................................................................................................

..........................................................................................................................

..........................................................................................................................

## ୪.୨.୨. ଏକ କଳାତ୍ମକ ଅନୁଭୂତିର ଯୋଜନା କିପରି କରିବା?

ପ୍ରାଥମିକ ସ୍ତରରେ ପ୍ରତ୍ୟେକ ଶିକ୍ଷଣ କାର୍ଯ୍ୟରେ ଶିକ୍ଷକଙ୍କ ଭୂମିକା ପିଲାଙ୍କ ଆବଶ୍ୟକତା ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ଜଣେ ଶିକ୍ଷକ ଶିକ୍ଷାଦାନ କରନ୍ତି ନାହିଁ ବରଂ କଳାତ୍ମକ କାର୍ଯ୍ୟରେ ପିଲାର ଆଗ୍ରହ ଓ ସହଭାଗିତା ବୃଦ୍ଧି ପାଇଁ ଏକ ମାର୍ଗ ଦର୍ଶକ ରୂପେ କାମ କରନ୍ତି । ତେଣୁ ଆମେ କେଉଁଠୁ ଆରମ୍ଭ କରିବା?

ପ୍ରଥମତଃ ଶିକ୍ଷକ କଳାର ଏକ ରୂପ ସମ୍ବନ୍ଧରେ ଭାବିବା ଦରକାର । ବିଭିନ୍ନ ସମ୍ଭାବନା ଚିନ୍ତା କରି ଶିକ୍ଷକ ପ୍ରତିଦିନ କିଛି ନୂଆ ଉପସ୍ଥାପନା କରିବା ଯୋଜନା କରିବେ । ପ୍ରତ୍ୟେକ ଦିନ ଶିକ୍ଷକ ଏପରି ଆହ୍ୱାନମୂଳକ

କାର୍ଯ୍ୟର ସମ୍ମୁଖୀନ ହେବେ । ଶିଶୁ ଆନନ୍ଦ, ବୁଦ୍ଧି, ଅତ୍ୟଧିକ ସକ୍ରିୟତା, ଅଧୈର୍ଯ୍ୟ ପଣିଆ, ମୁଖରିତ, ସୃଜନଶୀଳତା ଓ ଏପରି ଏକ ସମ୍ମିଶ୍ରଣ ଅଟେ । ଏହି ଶକ୍ତି ଓ ପ୍ରତିଭାକୁ ଛାଞ୍ଚରେ ପକାଇବା ସହଜ ନୁହେଁ । ତେଣୁ ଶିଶୁର ଆଗ୍ରହ ଓ କଳ୍ପନାକୁ ଉଦ୍ଦୀପିତ କରୁଥିବା ଯେକୌଣସି କଳାତ୍ମକ କାର୍ଯ୍ୟ ଅଭିନବ ରୂପରେ ସଂଯୋଜିତ ହେବା ଆବଶ୍ୟକ । ପିଲାଙ୍କ ଅନୁଭୂତି ଓ ଶିକ୍ଷଣ ଦୃଷ୍ଟିରୁ ପ୍ରାସଙ୍ଗିକ ଏକ ବିଷୟ ବା ପ୍ରସଙ୍ଗ ଆଗୁଆ ନିର୍ବାଚିତ ହେବା ଦରକାର । ଆଲୋଚନା ସମୟରେ ବେଳେ ବେଳେ ଧାରଣାଗୁଡ଼ିକ ଆପେ ଆପେ ସୃଷ୍ଟି ହୁଅନ୍ତି । ପିଲାମାନେ ସେମାନଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ଧାରଣା, କଳ୍ପନା, ଅନୁଭବ, ଓ ଅନୁଭୂତିର ବିନିମୟ କରିବା ଆବଶ୍ୟକ । ଉଦାହରଣ ସ୍ୱରୂପ ଏକ ଗୀତର ଉଦାହରଣ ଦେବା ବା ବିଗତ ଦିନର ଜଣେ କଳାକାରଙ୍କ କଳାକୃତିର ନକଲ କରିବା ବେଳେ ଶିକ୍ଷକ ସଠିକ୍ ଓ ଆବଶ୍ୟକ ପରିବେଶ ଯୋଗାଇବେ । ସେ ବିଭିନ୍ନ ଦିଗ ଯଥା ଉଦ୍ଦେଶ୍ୟ, ଶ୍ରେଣୀର ସ୍ତର, ଉପଲବ୍ଧ ସୁବିଧା, ଶିକ୍ଷାର୍ଥୀଙ୍କ ସଂଖ୍ୟା, ସାମଗ୍ରୀ ଓ ସମୟର ଉପଲବ୍ଧତା କଥା ବିଚାରକୁ ନେବେ ।

ପାଠ୍ୟ ପୁସ୍ତକ ବାହାରକୁ ଯାଇ ବିଷୟବସ୍ତୁକୁ ଖୋଜିବା ପାଇଁ ପିଲାଙ୍କୁ ସମୟ ଦିଅନ୍ତୁ । ସଂଯୋଜିତ ଅନୁଭୂତିଗୁଡ଼ିକ ବିଭିନ୍ନ ଇନ୍ଦ୍ରୀୟ ସମ୍ପର୍କିତ ହେବା ଆବଶ୍ୟକ । ଏଥିରେ ପର୍ଯ୍ୟବେକ୍ଷଣ, ଅନ୍ୱେଷଣ, ପରୀକ୍ଷଣ, ଓ ସୃଜନର ଅବକାଶ ରହିବା ଦରକାର । ଶିକ୍ଷକ ସମୟ ନିର୍ଘଣ୍ଟ ଓ ଯୋଜନା ସମୟ ମଧ୍ୟ ବିଚାରକୁ ନେବେ । ଗୋଷ୍ଠୀରେ ଉପଲବ୍ଧ ଅନୁଭୂତି ଯଥା - ପିତାମାତା, କଳାକାର, ବୃତ୍ତିଧାରୀଙ୍କୁ ନିମନ୍ତ୍ରଣ କରି ପାଠକୁ ସହଯୋଗୀ ମୂଳକ, ଜ୍ଞାନ ଉଦ୍ଦୀପକ ଓ ଆଗ୍ରହ ଉଦ୍ଦୀପକ କରିପାରିବେ ।

କଳାତ୍ମକ ଅନୁଭୂତିର ଯୋଜନା ପ୍ରସ୍ତୁତିରେ ନିମ୍ନୋକ୍ତ ଥାଏ -

- କ'ଣ କରିବାକୁ ହେବ - ତା'ର ଧାରଣା
- ସାମଗ୍ରୀ ଓ ସାଧନକୁ ଉଦ୍ଦୀପକ ରୂପେ ବ୍ୟବହାର କରିବା
- ସ୍ଥାନ ଓ ସମୟର ସଙ୍ଗଠନ
- ସହାୟକ ପରିବେଶ ସୃଷ୍ଟି କରିବା
- ପ୍ରଦର୍ଶନ କ୍ଷେତ୍ର ପାଇଁ ଏକ ପୁରୋଦୃଷ୍ଟି
- କାମ ଚାଲିଥିବା ଓ ସରିବା ପରେ ମୂଲ୍ୟାୟନ ଫଳ ଲିପିବଦ୍ଧ କରିବା ବ୍ୟବସ୍ଥା ।

## କେତେକ ଶିକ୍ଷଣ କାର୍ଯ୍ୟର ପ୍ରସ୍ତାବ -

ଆମେ ଏକ ନାଚ କାର୍ଯ୍ୟକ୍ରମର ଉଦାହରଣ ନେବା । ଶିକ୍ଷକଙ୍କ ପାଖରେ ନାଚର ପ୍ରକାର, ସମ୍ପୃକ୍ତ ସଙ୍ଗୀତ ଓ ସାହିତ୍ୟ, ବେଶଭୂଷା, ସାଜସଜ୍ଜାର ଜ୍ଞାନ ଥିବା ଆବଶ୍ୟକ । ଉପରୋକ୍ତ ପ୍ରତ୍ୟେକ ଉପାଦାନ ପାଇଁ ସଙ୍ଗଠିତ ଓ ସଂଯୋଜିତ ରୂପେ ଗୋଟିଏ ପରେ ଗୋଟିଏ ନିଆଯିବା ଆବଶ୍ୟକ ।

- ପ୍ରସଙ୍ଗଟି ନିର୍ବାଚିତ ହେବା ଦରକାର ।
- ପାଠ ବହିରୁ ବିଷୟବସ୍ତୁ ଉପରେ କିଛି ଗବେଷଣା ହେବା ଆବଶ୍ୟକ ।
- ଲାଇବ୍ରେରୀ ବହି, ବିଶେଷଜ୍ଞଙ୍କ ସହ ଆଲୋଚନା, ପିତାମାତା, ଗୋଷ୍ଠୀ ସହ ଆଲୋଚନା ହେବା ଉଚିତ୍ ।
- ବିଷୟବସ୍ତୁ ଓ ପ୍ରସଙ୍ଗର ଏକ ଆପାତତଃ ଡାଞ୍ଚା ସ୍ଥିର ହେବା ଆବଶ୍ୟକ । ସହାୟକଙ୍କ ଦ୍ୱାରା ଦିଆଯାଇଥିବା ସ୍ଥାନ ଅନୁସାରେ ଧାରଣା ଓ ସୃଜନଶୀଳତା ଅନୁଯାୟୀ ଏହାର ପରିବର୍ତ୍ତନ ଓ ଉନ୍ନତି ହୁଏ ।
- ଦୃଶ୍ୟମାନଙ୍କ ଯୋଜନା ହେବା ଆବଶ୍ୟକ ।

ଟିପ୍ପଣୀ

- ନୂଆ କରି ସଙ୍ଗୀତ ପ୍ରସ୍ତୁତ ହେବା ଦରକାର । ଆଗରୁ ସଙ୍ଗୀତ ସ୍ଥିର ହୋଇଥିଲେ ବା ରେକର୍ଡ଼ ହୋଇଥିଲେ ତା'ର ନିର୍ବାଚନ ବୁଦ୍ଧିମତ୍ତାର ସହ ହେବା ଆବଶ୍ୟକ । ଯଦି ନାଚ ସହ ସଙ୍ଗୀତ ଦେବାର ଥାଏ ତେବେ ସଙ୍ଗୀତଜ୍ଞଙ୍କ ସହ ମିଶି ତା'ର ଯୋଜନା ହେବା ବିଧେୟ ।
- ବେଶଭୂଷା, ଅଳଙ୍କାର ଇତ୍ୟାଦିର ଯୋଜନା ହେବା ଆବଶ୍ୟକ, (ବିଦ୍ୟାଳୟରେ ଏକ କର୍ମଶାଳାରେ ପିଲାଙ୍କ ଦ୍ୱାରା ଅଳଙ୍କାର ଓ ବେଶଭୂଷା ପ୍ରସ୍ତୁତ ହୋଇଥିଲେ ଏହା ଅତ୍ୟନ୍ତ ଉପଯୋଗୀ ଓ ଏହାର ଅନୁଭୂତି ଉପଭୋଗ୍ୟ, ସୃଜନାତ୍ମକ ଓ ଦୀର୍ଘ ମନେ ରଖିବା ଯୋଗ୍ୟ ହୋଇଥାଏ) ।
- ସ୍ଥାନର ପର୍ଯ୍ୟବେକ୍ଷଣ କରି ପିଲାଙ୍କ ସହାୟତାରେ ତା'ର ସର୍ବାଧିକ ବିନିଯୋଗ କରାଯାଇ ପାରିବ ।
- ମଞ୍ଚସଜ୍ଜା, ଯବନିକା, ଆଲୋକ (ସମ୍ଭବ ହେଲେ) ଶବ୍ଦ ବ୍ୟବସ୍ଥାର ସଙ୍ଗଠନ ହେବା ଆବଶ୍ୟକ ।
- ଏ ପ୍ରକାର କଳାତ୍ମକ ଅନୁଭୂତିର ଯୋଜନା ପିଲାଙ୍କୁ ଅବାସ୍ତବ ସହ ବାସ୍ତବକୁ ଯୋଡ଼ିବା ପାଇଁ ଉତ୍ସାହିତ କରେ ଓ ଏହା ସହ ନିଜ ପରିବେଶର ତର୍ଜମା କରିବା, ପର୍ଯ୍ୟବେକ୍ଷଣର ଫଳକୁ ବିଭିନ୍ନ ମାଧ୍ୟମ ଓ ସାମଗ୍ରୀ ଜରିଆରେ ପ୍ରକାଶ କରିବା ମଧ୍ୟ ସମ୍ଭବ ହୁଏ ।

କଳାତ୍ମକ ଶିକ୍ଷଣ କାର୍ଯ୍ୟ କରିବା ପାଇଁ ନିମ୍ନ ବିଷୟମାନଙ୍କୁ ବିଚାରକୁ ନିଆଯାଇପାରେ :

- ବିବରଣୀ ଫଳକ ପ୍ରସ୍ତୁତି ଓ ସେଥିରେ ଖବରକାଗଜର ବିଭିନ୍ନ ରଚନା, ଗପ, କବିତା, ଆତ୍ମଜୀବନୀ ଇତ୍ୟାଦି ମଡ଼ାଇବା ସହ ତାକୁ ନିଜ ଢଙ୍ଗରେ ସଜାଇବା କରିପାର ।
- ପୃଥିବୀ ଉତ୍ସବ ପାଳନ କର । ପୃଥିବୀର ଆବଶ୍ୟକତା ସମ୍ବନ୍ଧରେ ପଢ଼ିବା ପାଇଁ ପିଲାଙ୍କୁ କୁହ । ପ୍ରତ୍ୟେକ ଶିକ୍ଷାର୍ଥୀ ଏକ ଚିତ୍ର ଅଙ୍କନ କରିପାରିବ । ପୃଥିବୀର ଆବଶ୍ୟକତା ବିଷୟରେ ଯାହା ଭାବୁଛି ରଙ୍ଗ କରିବ । ସେମାନେ ସ୍ଲୋଗାନ ଲେଖି ନିଜର ମତକୁ ସାବ୍ୟସ୍ତ କରିବେ ।
- ନିଜର ଏକ ଚିତ୍ର ଅଙ୍କନ ପାଇଁ ପିଲାଙ୍କୁ କୁହ । କିଛିଦିନ ପର୍ଯ୍ୟନ୍ତ ସେମାନେ ସେଥିରେ କିଛି କିଛି ଯୋଗ କରନ୍ତୁ । ଚିତ୍ର ବା ପ୍ରତିରୂପ ପ୍ରତିଦିନର ଯୋଗ ପରେ ପରିବର୍ତ୍ତିତ ହେବ । ପଚରାଗଲେ ସେମାନେ ନିଜ ଭବିଷ୍ୟତ ଓ ଯୋଜନା ବିଷୟରେ କହିବେ । କିଛି ପ୍ରେରଣାଦାୟକ ଶବ୍ଦ ଏକ ସୁନ୍ଦର ଭବିଷ୍ୟତର ଯୋଜନା ପାଇଁ ସେମାନଙ୍କୁ ସାହାଯ୍ୟ କରିବ ।
- କାଗଜ କାମ ଓ ପର ସହ ମୁଖା ତିଆରି ପାଇଁ ସେମାନଙ୍କୁ ଉତ୍ସାହିତ କର । ଶ୍ରେଣୀରେ ବିଭିନ୍ନ ଚରିତ୍ରରେ ମୁଖା ପିନ୍ଧି ଅଭିନୟ ପାଇଁ ବ୍ୟବସ୍ଥା କର ।
- ପିଲାମାନେ ପତ୍ର ଘଷି ବିଭିନ୍ନ ସୁନ୍ଦର ନକ୍ସା ପ୍ରସ୍ତୁତ କରିପାରିବେ । ଏହା ଏକ କୌତୁକପ୍ରଦ କଳା ଅଟେ ।
- ଡାଇନୋସର୍, ଜିରାଫ୍ ବା ମିକି ମାଉସ୍‌ର ଏକ ବିରାଟ ଆକୃତି ଦଳଗତ ଭାବରେ କର ଓ ବିଦ୍ୟାଳୟର ଏକ ପ୍ରମୁଖ ସ୍ଥାନରେ ତାକୁ ସ୍ଥାପିତ କର ।
- ପିଲାମାନେ ନିଜର ଗପ ବା ଚିତ୍ର ପୁସ୍ତକ ପ୍ରସ୍ତୁତ କରିପାରିବେ ।
- ଏକ ଉତ୍ସବର ଆୟୋଜନ ବା ଯୋଜନା କର (ବାର୍ଷିକ ଉତ୍ସବ) ଯେଉଁଥିରେ ପିଲାମାନେ ସମ୍ପାଦନ କରିବେ ।
- ଏକ ପ୍ରଦର୍ଶନୀର ଯୋଜନା କର ଯେଉଁଥିରେ ତୁମେ ପିଲାଙ୍କ କଳାତ୍ମକ କୃତିର ପ୍ରଦର୍ଶନ କରିପାରିବ ।
- ନିଜର ଏକ ବ୍ୟଙ୍ଗ ଚିତ୍ର ପ୍ରସ୍ତୁତ କର, ତା'ର ନାମ ଦିଅ ଓ ତାକୁ ବ୍ୟଙ୍ଗ ନାଟକରେ ବ୍ୟବହାର କର ।
- ଦଳରେ କିଛି କଣ୍ଢେଇ ପ୍ରସ୍ତୁତ କର ଓ ଏକ କଣ୍ଢେଇ ନାଚର ପ୍ରଦର୍ଶନର ଯୋଜନା କର ।
- ପିଲାମାନେ ଏକ ରଙ୍ଗକୁ ବିଭିନ୍ନ ବସ୍ତୁ ସହ ଯୋଡ଼ିବା ପାଇଁ କୁହ । ଚିତ୍ର ଅଙ୍କନ କରି ସମ୍ପୃକ୍ତ ବସ୍ତୁ ଉପରେ ରଙ୍ଗର ପ୍ରଭାବ ଲେଖିବା ପାଇଁ କୁହ ।

**ନିଜ ଅଗ୍ରଗତି ଆକଳନ - ୨**

୧. ତୁମ ଶ୍ରେଣୀ ପାଇଁ ଯେକୌଣସି ଚାରୋଟି କଳାତ୍ମକ କାର୍ଯ୍ୟର ପ୍ରସ୍ତାବ ଦିଅ

କ........................................................................................................

ଖ........................................................................................................

ଗ........................................................................................................

ଘ........................................................................................................

୨. ଏକ କଳାତ୍ମକ ଅନୁଭୂତିର ଯୋଜନା ବେଳେ ତୁମେ କେଉଁ କଥା ମନରେ ରଖିବ ?

କ........................................................................................................

ଖ........................................................................................................

ଗ........................................................................................................

## ୪.୨.୩. ସ୍କୁଲ ସମୟ ନିର୍ଘଣ୍ଟରେ କଳା ଶିକ୍ଷାର ସ୍ଥାନ

ସ୍କୁଲ ସମୟ ନିର୍ଘଣ୍ଟ ଅଧିକତଃ ଉଚ୍ଚ ବିଦ୍ୟାଳୟକୁ ସୂଚାଏ । କାରଣ ପ୍ରାଥମିକ ସ୍କୁଲ୍‌ରେ ପ୍ରାୟତଃ ସରଳ ଓ ନମନୀୟ ଢାଞ୍ଚା ଥାଏ । ଏହି ସ୍ତରରେ ସମୟ ନିର୍ଘଣ୍ଟ ଅଧିକ ଭାବରେ ମାନବିକ ଦିଗ ଉପରେ ଆଧାରିତ । ଏଇ ଶ୍ରେଣୀମାନଙ୍କରେ ସମୟ କଳା ପାଇଁ ସମୟକୁ ପାଖେଇ ଦିଏ । ଏହା ନିୟମିତ ଓ ବାରମ୍ବାର ହେବା ଉଚିତ । ଯେହେତୁ ସାନପିଲାଙ୍କ ମନଯୋଗ ଅବଧି କମ୍ ଥାଏ କଳା ଶିକ୍ଷା ପାଇଁ ପ୍ରତିଦିନ ବ୍ୟବସ୍ଥା ହେବା ଉଚିତ । ଅନୁଭୂତିଟି କେବଳ ୫ରୁ ୧୦ ମିନିଟ୍ ଅବଧିର ହେବ ।

ଉଦ୍ଦେଶ୍ୟପୂର୍ଣ୍ଣ ଓ ଉପଭୋଗ୍ୟ କଳା କାର୍ଯ୍ୟକ୍ରମ ପାଇଁ ଫଳପ୍ରଦ ସମୟ ସଙ୍ଗଠନ ଗୁରୁତ୍ୱପୂର୍ଣ୍ଣ ଅଟେ । ପିରିଅଡ୍‌ର ଅବଧିରେ ଏହାକୁ କ୍ଷୁଦ୍ର ସମୟ ଏକକରେ ଭାଗ କରିବା ଦ୍ୱାରା ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟର ଗତି ବଜାୟ ରଖାଯାଇପାରେ । କଳାତ୍ମକ ଅନୁଭୂତି ପାଇଁ ଦିଆଯାଉଥିବା ସମୟର ପରିମାଣ ଅନ୍ୟ ବିଷୟର କାର୍ଯ୍ୟକ୍ରମ ପାଇଁ ସମତୁଲ ହେବା ଆବଶ୍ୟକ । ଶିକ୍ଷକ ଉଭୟ ବ୍ୟକ୍ତିଗତ ଓ ସମ୍ମିଳିତ ରୂପେ ଦଳୀୟ କାର୍ଯ୍ୟର ବ୍ୟବସ୍ଥା କରିବା ଦରକାର ଯୋଉଠି ପିଲାମାନେ ଧାରଣାର ବିନିମୟ କରିପାରିବେ । ବିଷୟଗତ କାମ, ଯେପରିକି ବଡ଼ ଆକାରର ପ୍ରତିରୂପ ପ୍ରସ୍ତୁତି ବେଳେ ବେଳେ ଅଧିକ ସମୟ ଆବଶ୍ୟକ କରିପାରେ । ତେଣୁ ସମୟର ଆବଣ୍ଟନର ଯୋଜନା ଆଗରୁ ହେବା ଆବଶ୍ୟକ ।

ପାଠ୍ୟକ୍ରମର ଅନେକ କ୍ଷେତ୍ରରେ ଚମତ୍କାର ଦୃଶ୍ୟ ଓ କାଳ୍ପନିକ ଉଦ୍ଦୀପନାର ସୁଯୋଗ ଥାଏ । ଶିକ୍ଷକ ଅନ୍ୟ ବିଷୟ ସହ କଳାର ସମନ୍ୱୟ ସ୍ଥାପନା କରି ଏହାର ଉପଯୋଗ କରିଥା'ନ୍ତି । ଏହି ଉପାୟରେ ସେହି ବିଷୟ ସବୁ ପାଇଁ ଉଦ୍ଦିଷ୍ଟ ସମୟକୁ ମଧ୍ୟ କଳାତ୍ମକ ଅନୁଭୂତି ପାଇଁ ବ୍ୟବହାର କରିହେବ । ଗପର ବ୍ୟାଖ୍ୟା କରିବା, କବିତା, ନାଟକ, ଚିତ୍ରରେ ଐତିହାସିକ ଘଟଣା, ଚିତ୍ରକଳା ଇତ୍ୟାଦି ସେହି ପିରିଅଡ୍‌ରେ କଳାର ଉପଯୋଗ ପାଇଁ ଉତ୍କୃଷ୍ଟ ଅବସର ଅଟେ । କଳାର ଉଦ୍ଦେଶ୍ୟ ଉପରେ ଗୁରୁତ୍ୱ ଦେବା ପାଇଁ ଯତ୍ନ ନେବା ନିଶ୍ଚିତ କରାଯିବା ଉଚିତ୍ । ଏକ କଳା ଶ୍ରେଣୀର ଉଦ୍ଦେଶ୍ୟ ସ୍ୱଷ୍ଟ ନହେଲେ କଳାଶ୍ରେଣୀଟି ଅର୍ଥହୀନ ହୋଇଯାଏ ।

**ନିଜ ଅଗ୍ରଗତି ଆକଳନ - ୩**

୧. କେଉଁ ଉକ୍ତିଟି ଠିକ୍ -

- ଆମେ କଳାକୁ ଅନ୍ୟ ବିଷୟ ସହ ସମନ୍ୱିତ କରିପାରିବା ( )
- ଅନ୍ୟ ବିଷୟ ତୁଳନାରେ କଳାକୁ କମ୍ ସମୟ ଦେବା ଉଚିତ୍ ()
- କଳା ପାଇଁ ଆବଣ୍ଟିତ ସମୟ ଉପରେ ଜଣେ ଅନମନୀୟ ରହିବା ଉଚିତ୍ । ( )

## ୪.୩. କଳାତ୍ମକ ଅନୁଭୂତିର ସାମଗ୍ରୀ ଓ ସ୍ଥାନର ସଙ୍ଗଠନ

କଳା ଶ୍ରେଣୀର ସଫଳତା ପାଇଁ ଫଳପ୍ରଦ ସଙ୍ଗଠନ ଗୁରୁତ୍ୱପୂର୍ଣ୍ଣ ଅଟେ । ସେଥିପାଇଁ ତେଣୁ ଆଗୁଆ ପ୍ରସ୍ତୁତି ଆବଶ୍ୟକ । ଏଥିପାଇଁ ପରାମର୍ଶ ହେଲା ପାଠର ଆବଶ୍ୟକତା ଗୁଡ଼ିକର ତାଲିକା କରି ସାମଗ୍ରୀ ଗୁଡ଼ିକର ଆଗୁଆ ତନଖି କରିବା ଯେପରି ଯଥାର୍ଥ ବ୍ୟବହାର ହୋଇପାରିବ । ଏସବୁର ସଙ୍ଗଠନ ଆଗୁଆ ହେବା ଆବଶ୍ୟକ ।

## ୪.୩.୧. କଳାତ୍ମକ ଅନୁଭୂତି ପାଇଁ କେଉଁ ସବୁ ସାମଗ୍ରୀ ଆବଶ୍ୟକ -

ଯେକୌଣସି ଦୃଶ୍ୟକଳା ପାଇଁ ପିଲାଏ ସୃଷ୍ଟି କରିବା ପାଇଁ ସାମଗ୍ରୀ ଆବଶ୍ୟକ କରନ୍ତି । ଉଦାହରଣ ସ୍ୱରୂପ ଏକ ଚିତ୍ରାଙ୍କନ ପାଇଁ ପିଲା ଅତିକମ୍‌ରେ ଏକ ପେନ୍‌ସିଲ୍, ଏକ କାଗଜ ଖଣ୍ଡ ଓ ଏକ ଲିଭାଇବା ରବର୍ ଆବଶ୍ୟକ କରେ । ପ୍ରଶାସନିକ କଥା ବୁଝିଲା ପରେ ଶିକ୍ଷକ ନ୍ୟୂନତମ ସାମଗ୍ରୀ ଯୋଗାଇବା ପାଇଁ ସମର୍ଥ ହେବା ଆବଶ୍ୟକ । କଳାତ୍ମକ କାର୍ଯ୍ୟ ପାଇଁ ସାମଗ୍ରୀ ଏକ ପୋଲର ନଟ୍ ଓ ସ୍କ୍ରୁ ଭଳି । ପିଲାଙ୍କ ଆବଶ୍ୟକତା ଦେଖି ଶିକ୍ଷକ ସାମଗ୍ରୀ ଯୋଗାଇବେ ।

**(i) ଦୃଶ୍ୟକଳା ପାଇଁ - ଦୃଶ୍ୟକଳାରେ ଜଣେ ଶିକ୍ଷକ ଏଇସବୁ ପାଇଁ ଚେଷ୍ଟା କରିପାରିବେ :**

• ଚିତ୍ରାଙ୍କନ, • ରଙ୍ଗଚିତ୍ର କରିବା, • ଛାପା କରିବା, • ମାଟିର ପ୍ରତିରୂପ, • କଣ୍ଢେଇ ପ୍ରସ୍ତୁତି, • କାଗଜମଣ୍ଡ ଛାଞ୍ଚ(ଆକୃତି • କାଗଜ କାମ, • ସ୍ଥାପନ କରିବା, ଅଙ୍କନା / ରଙ୍ଗୋଲି / ଝୋଟି, • ପଥର ଭାସ୍କର୍ଯ୍ୟ , • କୋଲାଜ୍ (ପ୍ରଚ୍ଛଦ ଆକୃତି)

**ଉପରୋକ୍ତ କଳା ଓ କ୍ରାଫ୍ଟ ପାଇଁ ଆବଶ୍ୟକ ସାମଗ୍ରୀ -**

• ଅଠା ଓ ଟେପ୍, • ରଙ୍ଗ ଓ ତୁଳି, • ମାଟି ଓ ଦଳା ହୋଇଥିବା ଅଟା, • ବାଲି, • ରଙ୍ଗୀନ କାଠି ବା ମହମ, • ସୂତା ଓ ତୁଳା, • କଲମ, ପେନ୍‌ସିଲ୍, ମାର୍କର, • ବହି, • ରଙ୍ଗୀନ କାଗଜ ଓ ଜରି, • ଦୃଶ୍ୟ ଶ୍ରାବ୍ୟ ସାମଗ୍ରୀ, • କତୁରୀ ଓ ଛୁରୀ, • କାଗଜ ମଣ୍ଡ , • ଷ୍ଟେନ୍‌ସିଲ୍, • ମହମ, • ଖବର କାଗଜ ଓ ପତ୍ରପତ୍ରିକା, • କାଠର ବିଭିନ୍ନ ଆକୃତି ।

ଥରେ ସାମଗ୍ରୀ ସଂଗୃହୀତ ହୋଇଗଲେ ଶିକ୍ଷଣ କାର୍ଯ୍ୟ ଅନୁଯାୟୀ ଗୋଟିଏ ସାମଗ୍ରୀ ବିଭିନ୍ନ ଉପାୟରେ ବ୍ୟବହାର ହୋଇପାରିବ । ଉଦାହରଣ ସ୍ୱରୂପ ଖବର କାଗଜ ପେକିଂ ପାଇଁ ଓ କାଗଜ ମଣ୍ଡ ପାଇଁ ମଧ୍ୟ ବ୍ୟବହାର ହୋଇପାରିବ ।

**(ii) ସମ୍ପାଦନ ହେଉଥିବା କଳା ପାଇଁ -**

ସମ୍ପାଦନ ହେଉଥିବା କଳା ପାଇଁ ଆମର ଦାମିକା ଯନ୍ତ୍ରପାତି, ବେଶଭୂଷା ଓ ଅଳଙ୍କାର ଦରକାର ନାହିଁ । ବିଷୟ ଭିତ୍ତିକ ସାମଗ୍ରୀ ଯାହା ଦୃଶ୍ୟକଳାରେ ବ୍ୟବହାର ହୁଏ ସମ୍ପାଦନ କଳାରେ ମଧ୍ୟ ବ୍ୟବହାର ହୋଇପାରିବ । ମୁଖା, ମୁକୁଟ, ବେଶଭୂଷା ଯାହା ଦୃଶ୍ୟକଳାରେ ପ୍ରସ୍ତୁତ ହୋଇଥାଏ ତାହା ନାଟକ, ଚରିତ୍ର ଅଭିନୟ ଇତ୍ୟାଦିରେ ବ୍ୟବହାର ହୋଇପାରିବ । ଉଦାହରଣ ସ୍ୱରୂପ ଆକୃତି ଓ ସ୍ଥାନ ପରି ଦୃଶ୍ୟ ଧାରଣା ନାଚ ମାଧ୍ୟମରେ ବାସ୍ତବତା ହୋଇପାରିବ । ନାଚ ଦ୍ୱାରା ଖୋଜି ବାହାର ହୋଇଥିବା ବିଷୟବସ୍ତୁକୁ ଦୃଶ୍ୟ ମାଧ୍ୟମରେ ଅଧିକ ବିକଶିତ କରାଯାଇପାରିବ । ସେ ଯାହା ହେଉ ସମ୍ପାଦନ କଳା ପାଇଁ ପିଲାମାନେ ନିଜର ସେଟ୍, ବେଶଭୂଷା ଓ ମୁଖା ଇତ୍ୟାଦି ପ୍ରସ୍ତୁତ କରିପାରିବେ । ବେଶଭୂଷା ପ୍ରସ୍ତୁତି ଏତେ ସହଜ ଯେ ଏକ ପୁରୁଣା ଟିସାର୍ଟ ଓ ଟ୍ରାଉଜର୍‌କୁ ରଙ୍ଗ ଦେଇ ଓ ଠିକ୍ ଭାବରେ କଟାକଟି କରି ଏକ ଚମତ୍କାର ବେଶରେ ପରିଣତ କରାଯାଇ ପାରିବ । ଶିକ୍ଷକଙ୍କ ଅବଦାନ ହେଲା ସମ୍ଭାବ୍ୟ ବାଟ ସାହାଯ୍ୟରେ ପିଲାଙ୍କ ଅଭିନବ କାମକୁ ଅଭିପ୍ରେରିତ କରିବା ।

ସାଧାରଣରେ ମିଳୁଥିବା ଅନେକ ପ୍ରକାର ସାମଗ୍ରୀ ବ୍ୟବହାର ହୋଇପାରିବ । ଯେପରି -

• ଗୋଟି ମାଳି, • କାଗଜ ଅଳଙ୍କାର, • ସାଧାରଣ ପାରମ୍ପରିକ ଶାଢ଼ୀ, • ସାଧାରଣ ଭାବରେ ବଜା ଯାଉଥିବା ଯନ୍ତ୍ରପାତି, • ବିଭିନ୍ନ ପୃଷ୍ଠଭୂମି ପାଇଁ କାଗଜ, • ଫୁଲ, ପତ୍ର, • ମହମ ଓ ମାଟିରେ ପ୍ରସ୍ତୁତ ଅଳଙ୍କାର, • ବିଭିନ୍ନ

ଟିପ୍ପଣୀ

ମୁଖା ସାଜସଜ୍ଜା ପାଇଁ କ୍ରେପ୍ କାଗଜ, •ରଙ୍ଗମଞ୍ଚ ସାମଗ୍ରୀ, • ବିଭିନ୍ନ ପ୍ରକାର କଣ୍ଢେଇ, • ମାଇକ୍ ବା ଶବ୍ଦ ପାଇଁ ଯନ୍ତ୍ରପାତି, • ବିଭିନ୍ନ ପ୍ରକାର କପଡ଼ା ।

**ଜଣେ ଶିକ୍ଷକ ଏସବୁ ମନରେ ରଖିବା ଆବଶ୍ୟକ -**

- କାର୍ଯ୍ୟଟିର ଯଥେଷ୍ଟ ଆଗରୁ ସାମଗ୍ରୀ ସଂଗ୍ରହ ହୋଇଥିବା ଦରକାର । ତୁମ ଯୋଜନାରେ ଥିବା ସାମଗ୍ରୀଗୁଡ଼ିକ ସହଜରେ ମିଳୁଥିବା ଆବଶ୍ୟକ ।
- ଧାରୁଆ ବସ୍ତୁ ବା ସାମଗ୍ରୀକୁ ପରିହାର କର । ପିଲାଙ୍କ ପାଇଁ ସାମଗ୍ରୀ ନିରାପଦ ହେବ ।
- ପିଲାମାନଙ୍କୁ ବିନା ବାଧ୍ୟବାଧକତାରେ ସାମଗ୍ରୀ ଆଣିବା ପାଇଁ ଉତ୍ସାହିତ କର ।
- ଶ୍ରେଣୀରେ ଏକ ମେଜିକ୍ ବାକ୍ସ ବା ଝୁଡ଼ି ରଖ ଯେଉଁଥିରେ ପିଲାମାନେ ସଂଗ୍ରହ କରିଥିବା ସାମଗ୍ରୀ ରଖିପାରିବେ ।
- ସାମଗ୍ରୀ ପାଇଁ ଅନୁରୋଧ କରି ପିତାମାତାଙ୍କ ଉପରେ ବୋଝ ଦିଅନାହିଁ ।
- ପିଲାଙ୍କ ଦ୍ୱାରା ସାମଗ୍ରୀ କିଣିବାକୁ ମନା କର ।
- ପିଲାମାନେ ଦଳରେ ସାମଗ୍ରୀ ସଂଗ୍ରହ କରି କାର୍ଯ୍ୟଟି କରିବା ଦରକାର ।
- ସାମଗ୍ରୀ ଯେପରି ପରିବେଶ ଅନୁକୂଳ ହୁଏ ମନେରଖିବା ଆବଶ୍ୟକ ।
- ଶ୍ରେଣୀରେ ବସିବା ବ୍ୟବସ୍ଥାକୁ ନମନୀୟ ରଖ ।
- ପିଲାଙ୍କୁ ଦଳରେ ସାମଗ୍ରୀର ଦାୟିତ୍ୱ ଦିଅ । ନିୟମିତ ସ୍ଥାନ ପରିବର୍ତ୍ତନ କର ।
- ସାମଗ୍ରୀର ସାଂସ୍କୃତିକ ପ୍ରାସଙ୍ଗିକତାର ଆଦର କର ।
- ସାମଗ୍ରୀ ପିଲାଙ୍କ ବୟସ ଅନୁଯାୟୀ ହେବା ଦରକାର ।
- ତୁମର ସର୍ବୋତ୍କୃଷ୍ଟ ଓ ନିର୍ଭରଯୋଗ୍ୟ ସାମଗ୍ରୀ ହେଉଛି 'ତୁମେ' ଓ 'ପିଲାଙ୍କ କଳ୍ପନା' ।

ଥରେ ଜିନିଷର କିପରି ଯତ୍ନ ନିଆଯିବ ବୁଝିଗଲେ ପିଲାଏ ସାମଗ୍ରୀ ସାଇତି ରଖିବାରେ ନିଜ ଭୂମିକା ଠିକ୍ ତୁଲାଇବେ । ପରିଷ୍କାର ପରିଚ୍ଛନ୍ନତା ପ୍ରକ୍ରିୟାର ଯୋଜନା ମଧ୍ୟ ଆଗୁଆ ହେବା ଆବଶ୍ୟକ ।

**ନିଜ ଅଗ୍ରଗତି ଆକଳନ - ୪**

**୧. ନିମ୍ନ ସାମଗ୍ରୀଗୁଡ଼ିକୁ ଉପଯୁକ୍ତ କଳା ରୂପ ସହ ମେଳ କର ।**

| ସାମଗ୍ରୀ | କଳାରୂପ |
|---|---|
| ସଙ୍ଗୀତ ଯନ୍ତ୍ର | କଣ୍ଢେଇ ନାଚ |
| ଶାଢ଼ୀ | କୋଲାଜ୍ (ପ୍ରଚ୍ଛଦ ଚିତ୍ର) |
| ପୁରୁଣା ପତ୍ରିକା | ଚରିତ୍ର ଅଭିନୟ |
| ମାଇକ୍ | ରଙ୍ଗ କରିବା |
| ରଙ୍ଗ ଓ ତୁଳୀ | ନାଚ |

## ୪.୩.୨. କଳାତ୍ମକ ଅନୁଭୂତି ପାଇଁ ସାମଗ୍ରୀ ଓ ସ୍ଥାନର ସଙ୍ଗଠନ କିପରି ହେବ

ଶିକ୍ଷାଦାନ ଶିକ୍ଷଣ ଅନୁଭୂତିର ସଙ୍ଗଠନ ପାଇଁ ଶିକ୍ଷକଙ୍କ ଉତ୍ସାହ ଥିବା ଆବଶ୍ୟକ । ଏହା ସହ ଦୃଢ଼ ଇଚ୍ଛାଶକ୍ତି, ବ୍ୟକ୍ତିଗତ ଶକ୍ତି, ଉଚ୍ଚ ସୌନ୍ଦର୍ଯ୍ୟବୋଧ, ରଙ୍ଗମଞ୍ଚର ବ୍ୟାପକ ଅଭିଜ୍ଞତା, ଉପଯୁକ୍ତ କଳ୍ପନା ଓ ଉତ୍ତମ ଯୋଗାଯୋଗ

କୌଶଳ ମଧ୍ୟ ଆବଶ୍ୟକ । ଶିକ୍ଷାର୍ଥୀଙ୍କ ଆବଶ୍ୟକତାକୁ କେତେ ପୂରଣ କରିପାରିବେ ଏଥିପାଇଁ ଶିକ୍ଷକଙ୍କ ସମ୍ବେଦନଶୀଳତା ଦରକାର ।

## (i) ଦୃଶ୍ୟକଳା ପାଇଁ -

**ସାମଗ୍ରୀ -** ଦୃଶ୍ୟକଳା ପାଇଁ ସାମଗ୍ରୀର ସଙ୍ଗଠନ ଶିଶୁ, ପିତାମାତା, ସ୍କୁଲ୍ ଓ ଗୋଷ୍ଠୀ ମଧ୍ୟରେ ଏକ ସମ୍ମିଳିତ ଓ ବିଚାର ବିମର୍ଶର ପ୍ରକ୍ରିୟା । ଉତ୍ସାହ ବଜାୟ ରଖିବା ପାଇଁ ନିୟମିତ ଓ ପର୍ଯ୍ୟାପ୍ତ ସାମଗ୍ରୀ ଓ ସାଧନ ଯୋଗାଣ ଅତ୍ୟନ୍ତ ଆବଶ୍ୟକ । ସମ୍ବଳ ସମ୍ବନ୍ଧରେ ଚିନ୍ତା କରିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସାମଗ୍ରୀ ଦୁଇପ୍ରକାର ହେବା ଉଚିତ୍ -

- ଶିକ୍ଷକ - ସ୍କୁଲ୍ ଦ୍ୱାରା ଯୋଗାଇ ଦିଆଯାଇଥିବା ।
- ପିଲା - ଗୋଷ୍ଠୀଙ୍କ ଦ୍ୱାରା ବ୍ୟବସ୍ଥା ହୋଇଥିବା ।

ଶିକ୍ଷକ, ଶିଶୁ, ପ୍ରଧାନ ଶିକ୍ଷକ ଓ ପିତାମାତାଙ୍କ ମଧ୍ୟରେ ଉତ୍ତମ ଯୋଗାଯୋଗ ଏକ ସାଧାରଣ ଆଭିମୁଖ୍ୟର ବିକାଶରେ ଓ ସାମଗ୍ରୀ ଉପଲବ୍ଧିକୁ ନିଶ୍ଚିତ କରିବାରେ ସହାୟକ ହେବ । ଏଠି ଶିକ୍ଷକଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ସେ ସାମଗ୍ରୀର ସଙ୍ଗଠନ ନିମ୍ନୋକ୍ତ ଉତ୍ସରୁ କରିବେ -

**୧. ପିଲାଙ୍କ ପାଖରୁ -** କଳାତ୍ମକ ଅନୁଭୂତିର ଯୋଜନା କଲାବେଳେ ଶିକ୍ଷକ ପିଲାଙ୍କୁ ସମ୍ପୃକ୍ତ କରି ସେମାନଙ୍କ ପରିବେଶରୁ ସାମଗ୍ରୀ ସଂଗ୍ରହ କରିପାରିବେ । ଅଞ୍ଚଳରେ ମିଳୁଥିବା ସ୍ୱଳ୍ପ ମୂଲ୍ୟ / ବିନା ମୂଲ୍ୟ ସାମଗ୍ରୀ ସଂଗ୍ରହକୁ ଉତ୍ସାହିତ କରିବା ଉଚିତ୍ । ପିଲାଙ୍କ ସହିତ ସାଧାରଣରେ ମିଳୁଥିବା ସାମଗ୍ରୀ ହେଲା - ଖାଲି କାଗଜ ପଟା ବାକ୍ସ, ଖାଲି ବୋତଲ, ଶୁଖିଲା ପତ୍ର ଓ ଫୁଲ, ବାଲି ଗରଡ଼ା, ବ୍ୟବହୃତ ବହି ଓ ପତ୍ରିକା, ଗଛର ଛୋଟ ଡାଳ, ବେଲୁନ୍, ମୁଦ୍ରା, ଚିତ୍ର ଇତ୍ୟାଦି ।

**୨. ପିତାମାତାଙ୍କ ପାଖରୁ -** ପିତାମାତା କଳା ସମ୍ପାଦନ ପାଇଁ ବିଭିନ୍ନ ବସ୍ତୁ ଓ ସାମଗ୍ରୀ ଦେଇ ସହାୟତା କରିପାରିବେ । ପିଲାଙ୍କୁ ସାହାଯ୍ୟ ପାଇଁ ସେମାନଙ୍କ ସକ୍ରିୟ ଆଗ୍ରହର ଏକ ମହତ୍ୱପୂର୍ଣ୍ଣ ଭୂମିକା ଅଛି । ଘରୁ ସଂଗ୍ରହ କରାଯାଇ ପାରୁଥିବା ସାମଗ୍ରୀ ହେଲା - ପୁରୁଣା ଲୁଗା, ବଳକା ଉଲ୍ ସୂତା, ପୁରୁଣା କ୍ୟାଲେଣ୍ଡର, କାଗଜ ଥାଳି, ଥର୍ମୋକୋଲ୍ ଗ୍ଲାସ୍, ଭର୍ତ୍ତି କରିବା (ପେକ୍)ସାମଗ୍ରୀ, ପୁରୁଣା ମୋଜା, ଆଇସ୍‌କ୍ରୀମ୍ କପ୍, କାଠି / ବାଡ଼ି, ବ୍ୟବହୃତ CD ଇତ୍ୟାଦି ।

**୩. ସଂଗ୍ରହାଳୟ ଓ ଚାରୁକଳା ପ୍ରଦର୍ଶନ କକ୍ଷରୁ -** ଶିକ୍ଷକ ପ୍ରସିଦ୍ଧ ଚାରୁକଳା କକ୍ଷକୁ ସେମାନଙ୍କ ସଂଗ୍ରହ ପାଇଁ ଅନୁରୋଧ କରିପାରିବେ । କିଛି ସଂଗ୍ରହାଳୟ ଓ ଚାରୁକଳା କକ୍ଷ ଯେପରି ଜାତୀୟ ସଂଗ୍ରହାଳୟ ଓ ଜାତୀୟ ଚାରୁକଳା କକ୍ଷଙ୍କ ପାଖରେ ପୋଷ୍ଟକାର୍ଡ଼, ପୋଷ୍ଟର୍, କ୍ୟାଲେଣ୍ଡର୍ ଓ ନିର୍ବାଚିତ ସାମଗ୍ରୀ ସବୁ ଥାଏ । ଶିକ୍ଷକ ଓ ଅଧକ୍ଷ ସମ୍ପୃକ୍ତ ସଂଗ୍ରହାଳୟ ଓ ଚାରୁକଳା କକ୍ଷକୁ ଯୋଗାଯୋଗ କରି (ନିଜ ସହର ବା ରାଜ୍ୟର) ସେମାନଙ୍କ ଶ୍ରେଣୀରେ ପିଲାଙ୍କ ପାଇଁ କିଛି ସାମଗ୍ରୀ ଯୋଗାଣ ପାଇଁ କହିପାରିବେ ।

**୪. ଗୋଷ୍ଠୀ ପାଖରୁ -** ସ୍କୁଲ୍ କଳା ଓ ବିଭିନ୍ନ ଗୋଷ୍ଠୀ କଳାକୁ ସମ୍ପୃକ୍ତ କରି ପାରମ୍ପରିକ କଳା ଶିକ୍ଷଣ ହେବା ଉଚିତ୍ । ଉଦାହରଣ ସ୍ୱରୂପ ଚିତ୍ର ଶିଳ୍ପୀ, କୁମ୍ଭାର, ପଥର ଶିଳ୍ପୀ, ସଙ୍ଗୀତ ଯନ୍ତ୍ର ପ୍ରସ୍ତୁତକାରୀ, ବଢେଇ, ତନ୍ତି, ଝୁଡ଼ି ପ୍ରସ୍ତୁତକାରୀ, ଛାପା କରିଗର ଇତ୍ୟାଦି ପିଲାଙ୍କ ସହ ମିଶି କାମ କରିପାରିବେ ଓ ସାମଗ୍ରୀ ଓ କୌଶଳ ଯୋଗାଇ ପାରିବେ । ସେମାନଙ୍କ ବିଭିନ୍ନ ବୃତ୍ତିଗତ କୌଶଳ କୁଶଳି କାରିଗରି ପଣିଆ ପାଇଁ ଏକ ବିରାଟ ସମ୍ବଳ ଅଟେ ।

**୫. ଦୂରଦର୍ଶନ (ଟେଲିଭିଜନ୍) ଓ ଭିଡିଓରୁ -** ବିଭନ୍ନ ସମୟରେ କଳାକାରମାନଙ୍କ କାର୍ଯ୍ୟକ୍ରମ ଟେଲିଭିଜନ୍‌ରେ ପ୍ରଦର୍ଶିତ ହୁଏ ଓ କିଛି ମଧ୍ୟ ଭିଡିଓରେ ଉପଲବ୍ଧ ହୁଏ । ଏଥିରୁ ଆନେକ ଧାରଣା ଆଣି ସନ୍ନିବିଷ୍ଟ କରାଯାଇପାରିବ । କିଛି ନିର୍ଦ୍ଦିଷ୍ଟ କୌଶଳ ଥିବା କାର୍ଯ୍ୟକ୍ରମ ମଧ୍ୟ ପିଲାଙ୍କ ପାଇଁ ଉପଯାଗୀ ହୋଇଥାଏ ।

## ସ୍ଥାନ

ଯଥା ସମ୍ଭବ ପିଲାଏ ଆରାମରେ କାମ କରିବା ପାଇଁ ସ୍ଥାନ ଥିବା ଉଚିତ୍ । ପିଲାଙ୍କ ଯିବା ଆସିବା ପାଇଁ ସହାୟକ

ଟିପ୍ପଣୀ

ହେବା ପରି ଆସବାବପତ୍ର ସଜ୍ଜିତ ହେବା ଆବଶ୍ୟକ ଯେପରି ସେମାନେ ନିଜ କାମକୁ ବିଭିନ୍ନ ଦିଗରୁ ଦେଖିପାରିବେ । ଏହା ସହ ହାତରେ ଥିବା କାମ ପାଇଁ ମଧ୍ୟ ପର୍ଯ୍ୟାପ୍ତ ସ୍ଥାନ ଥିବା ବିଧେୟ । ସାମଗ୍ରୀ ସହଜରେ ମିଳୁଥିବା ଉଚିତ୍ । ବେଳେ ବେଳେ ପିଲାଏ ଘର ବାହାରେ କାମ କରିବା ସମ୍ଭବ ହୁଏ । ଯେଉଁ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିବେଶକୁ ବ୍ୟବହାର କରିବା ସହ ପିଲାଙ୍କ ଅବଦାନକୁ ସ୍ୱୀକୃତି ଦିଏ (ଉଦାହରଣ ସ୍ୱରୂପ ଏକ ପ୍ରାଚୀର ଚିତ୍ର) ତାହା ପିଲାର ଅନୁଭୂତିର ଦିଗନ୍ତ ଶ୍ରେଣୀ କାନ୍ଥର ବାହାରକୁ ପରିବ୍ୟାପ୍ତ କରିଥାଏ ।

ପରିଷ୍କାର ଓ ନିରାପଦ ସ୍ଥାନ ପାଇଁ ଯତ୍ନ ନେବା ଆବଶ୍ୟକ । କେତେକ ଦିଗର ଅଧିକ ଯତ୍ନ ନିଆଯିବା ଦରକାର, ଯେପରି କାର୍ଯ୍ୟକ୍ରମ ଚାଲୁଥିବାବେଳେ କୋଠରୀ ଯଥେଷ୍ଟ ଆଲୋକିତ ହେବା ସହ ପର୍ଯ୍ୟାପ୍ତ ବାୟୁ ଚଳାଚଳ ହେବା ଉଚିତ୍ । ଭୌତିକ ପରିବେଶ ଆଖିଦୃଶିଆ ଭାବରେ ଉଦ୍ଦୀପକ ଓ ଜୀବନ୍ତ ହେବା ସହ ପିଲାଙ୍କ କଳା ଶିକ୍ଷଣରେ ସହାୟକ ହେବ ।

## (ii) ସମ୍ପାଦନ କଳା ପାଇଁ

**ସାମଗ୍ରୀ -**

ପିଲାଙ୍କୁ ନିଜର ରଙ୍ଗମଞ୍ଚ ଉପକରଣ ଓ ସାମଗ୍ରୀ ପ୍ରସ୍ତୁତ କରିବା ପାଇଁ ଶିକ୍ଷକ ସଙ୍ଗୀତ ଓ ନାଚ କାର୍ଯ୍ୟକ୍ରମକୁ ଅଧିକ ଜୀବନ୍ତ କରିପାରିବେ । ଏହା ଆଗ୍ରହ ଉଦ୍ଦୀପକ, ଅର୍ଥପୂର୍ଣ୍ଣ ଓ ଏକ ସମନ୍ୱିତ ଶିକ୍ଷଣ ଅନୁଭୂତିର ହୋଇପାରିବ । ପିଲାମାନେ ଫୁଲ, ପତ୍ର ଓ ପର ବ୍ୟବହାର କରି ଅଳଙ୍କାର ପ୍ରସ୍ତୁତ କରିପାରିବେ । ଛୋଟ ଚୁଡ଼ିକୁ ଇୟରିଂ (କାନଫୁଲ) କରାଯାଇପାରିବ । କାଗଜପଟା, ଜରି କାଗଜ, ଚକ୍‌ଚକିଆ ଜିନିଷ ଇତ୍ୟାଦି ବ୍ୟବହାର କରି ସୁନ୍ଦର ଓ କମ୍ ଖର୍ଚ୍ଚ ସାପେକ୍ଷ ଅଳଙ୍କାର ପ୍ରସ୍ତୁତ କରିହେବ । ପ୍ରତ୍ୟେକ ପ୍ରାନ୍ତରେ ବେଶଭୂଷା ଓ ଅଳଙ୍କାର ପାଇଁ ଅସଂଖ୍ୟ କଳାକାର ଓ କାରୀଗର ଅଛନ୍ତି । ସେମାନଙ୍କୁ ଚିହ୍ନଟ କରି ଉପରୋକ୍ତ କୌଶଳ ଶିକ୍ଷା ପାଇଁ ସେମାନଙ୍କ ପରାମର୍ଶ ନିଆଯାଇପାରିବ । ରଙ୍ଗମଞ୍ଚ ଉପକରଣର ବିଭିନ୍ନ ବ୍ୟବହାର ହୋଇପାରିବ । ଉଦାହରଣ ସ୍ୱରୂପ ଏକ ଦୁପଟ୍ଟା ପବନ ବହିବାକୁ ଦର୍ଶାଇପାରିବ । ମୁହଁ ଉପରେ ଟାଣି ଦେଲେ ସ୍ତ୍ରୀଲୋକଙ୍କ ମୁହଁର ଘୋଡ଼ଣୀ ହୋଇପାରିବ । ଦୁଇ ମୁଣ୍ଡକୁ ଧରିଲେ ଦଉଡ଼ି ଓ ଦୁଇ ପାପୁଲିକୁ ଧରିଲେ ଏହା ଏକ ଶିଶୁର ରୂପ ହୋଇପାରିବ । ସଙ୍ଗୀତର ଯନ୍ତ୍ରଗୁଡ଼ିକ ସାନପିଲାଙ୍କୁ ଆନନ୍ଦ ଦିଏ । ପିଲାମାନେ ଚାମଚ, ପଥର, ପାତ୍ର, ଟିଣ ଓ ଅନ୍ୟ ଜିନିଷ ଇତ୍ୟାଦି ବ୍ୟବହାର କରି ଯନ୍ତ୍ରପାତି ପ୍ରସ୍ତୁତ କରିବା ପାଇଁ ଉତ୍ସାହିତ କରିବା ଉଚିତ । ଆହୁରି ମଧ୍ୟ ତାଳି ଜୋର୍ ଓ ଟେବୁଲ୍ ବାଡ଼ାଇ ସୂର ସୃଷ୍ଟି କରାଯାଇପାରିବ । ଏକ ଯୋତା ବାକ୍ସ, କିଛି ରବର ଓ ଖଣ୍ଡେ କାଠ ସାହାଯ୍ୟରେ ଗିଟାର ପ୍ରସ୍ତୁତ କରିହେବ । ଆଠଟି ଗ୍ଲାସ୍‌ରେ ବିଭିନ୍ନ ପରିମାଣର ପାଣି ଭର୍ତ୍ତି କରି ଏକ ଜଳ ତରଙ୍ଗ ସୃଷ୍ଟି କରାଯାଇପାରିବ ।

**ସ୍ଥାନ -** ଯୋଉଠି ପୃଥକ ସ୍ଥାନ ନାହିଁ ସେଠି ଶ୍ରେଣୀ କୋଠରି ବା ଅନ୍ୟସ୍ଥାନକୁ ଡେସ୍କ ଓ ଚୌକିକୁ ଅନ୍ୟପ୍ରକାରେ ସଜାଇ କିଛି ଖୋଲା ସ୍ଥାନ ସୃଷ୍ଟି କରାଯାଇପାରିବ ବା ଅନ୍ୟ ଏକ ଖୋଲାସ୍ଥାନର ବ୍ୟବହାର ହୋଇପାରିବ । ପିଲାଏ ନିଜା ଜୋତା ଖୋଲିଦେଇ ବାହାରେ ତାକୁ ଧାଡ଼ିରେ ରଖିବେ । ସେମାନେ ବୃତ୍ତାକାରରେ ବା ଶିକ୍ଷକ ଚାହିଁବା ମୁତାବକ ବସିବେ । ପ୍ରକୃତରେ ଆମେ ଯେକୌଣସି ସ୍ଥାନ - ଏକ ଚଟାଣ ବା ଏକ ଛାତକୁ ମଞ୍ଚ ରେ ରୂପାନ୍ତରିତ କରିପାରିବା । ଆମେ ଉପସ୍ଥାପନା ଓ ଦର୍ଶକଙ୍କ ବସିବାର ଯୋଜନା କଲେ ବିଭିନ୍ନ ପ୍ରକାର ସ୍ଥାନର ବ୍ୟବହାର ହୋଇପାରିବ । ବେଳେ ବେଳେ ବିଦ୍ୟାଳୟ ହତାର ଏକ ଅଂଶ ଏକ ନାଟକ ପାଇଁ ଚମତ୍କାର ମଞ୍ଚ ହୋଇପାରିବ । ଯେପରିକି ପାହାଚ, ଖମ୍ବ ଥିବା ବାରଣ୍ଡା ଇତ୍ୟାଦି । ଏକ କାନ୍ଥ ବା ଗଛ ପୃଷ୍ଠଭୂମି ଥାଇ ସ୍ଥାନ ମଞ୍ଚ ପ୍ରସ୍ତୁତି ପାଇଁ ଏକ ଉତ୍ତମ ସ୍ଥାନ ହୋଇପାରିବ । ଶ୍ରେଣୀରେ ବିଦ୍ୟୁତ୍‌ର ସୁବ୍ୟବସ୍ଥା କାର୍ଯ୍ୟକ୍ଷମ ଅବସ୍ଥାରେ ଥିବା ଆବଶ୍ୟକ । ଏହା ଏକ ଟେପ୍ ରେକର୍ଡ଼ର୍ ବା କମ୍ପ୍ୟୁଟର୍ ବ୍ୟବହାର କରିବାରେ (ଯେଉଁଠି ଉପଲବ୍ଧ) ସହାୟକ ହେବ । ପିଲାମାନେ କିଛି ସଙ୍ଗୀତ ଶୁଣିବା ବା କିଛି CDରେ ନାଚ / ଡ୍ରାମା ଦେଖିବା ଆବଶ୍ୟକ ।

ପାଗ ଅନୁକୂଳ ଥିଲେ ସ୍କୁଲ୍ ପଡ଼ିଆରେ ଏକ କଳାତ୍ମକ କାର୍ଯ୍ୟ ପରିଚାଳନା କରିପାରିବ । ଶ୍ରେଣୀ ବାହାରେ କାର୍ଯ୍ୟରେ ତୁମେ ଗଛ ଓ ଫୁଲର ଉପଯୋଗ କରି ଏକ ପୃଷ୍ଠଭୂମି ପ୍ରସ୍ତୁତ କରିପାରିବ । ପିଲାମାନେ ପ୍ରକୃତିରେ

ମିଳୁଥିବା ସଙ୍ଗୀତ, ନାଚ ଓ ଅଭିନୟର ଉପାଦାନର ଅନୁକରଣ କରିପାରିବ । ନୀଳ ଆକାଶ ତଳେ ଖୋଲାରେ କାର୍ଯ୍ୟକ୍ରମରେ ପିଲାମାନେ ଆନନ୍ଦରେ ଭାଗ ନିଅନ୍ତି ।

ଆମ ପାଖରେ ଏକ ପ୍ରେକ୍ଷାଳୟ ଥିଲେ ପ୍ରତ୍ୟେକ ଥର ଏହାକୁ ଅଭିନବ ଉପାୟରେ ବ୍ୟବହାର କରିବା ପାଇଁ ଆମେ ଚିନ୍ତା କରିପାରିବା । ଏକ ନାଟକର ଏକ ଅଂଶ ବା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମଞ୍ଚରେ ଓ ଅନ୍ୟ ଭାଗ ସ୍କୁଲ୍‌ର ବିଭିନ୍ନ ଅଂଶର ସାଜସଜ୍ଜାରେ କଲେ ତାହା ଆକର୍ଷକ ଓ ଉଦ୍ଦୀପକ ହେବ ।

**ନିଜ ଅଗ୍ରଗତି ଆକଳନ - ୫**

୧. ତୁମ ହସ୍ତକଳା ଶ୍ରେଣୀ ପାଇଁ କେଉଁଠୁ ସାମଗ୍ରୀ ବ୍ୟବସ୍ଥା କରିବ ?

ଗୋଷ୍ଠୀ, ଦୋକାନ, ସପିଙ୍ଗ୍ ମଲ୍

୨. ବିଦ୍ୟାଳୟର କେଉଁସବୁ ସ୍ଥାନ ମଞ୍ଚ ସ୍ଥାପନା ପାଇଁ ବ୍ୟବହାର କରାଯାଇପାରିବ ?

.......................................................................................................................

.......................................................................................................................

.......................................................................................................................

.......................................................................................................................

୩. ଏକ କୁମ୍ଭକାର ଗୋଷ୍ଠୀ ପିଲାଙ୍କ ଶିକ୍ଷା ପାଇଁ କେଉଁ ପ୍ରକାର ଅବଦାନ ଦେଇପାରିବ ?

.......................................................................................................................

.......................................................................................................................

.......................................................................................................................

.......................................................................................................................

## ୪.୩.୩. ସାମଗ୍ରୀକୁ ସାଇତି ରଖିବା ଓ ରକ୍ଷଣାବେକ୍ଷଣ

ବେଶି ଖର୍ଚ୍ଚ ନକରି ଓ ସରଳ ଭାବରେ ସାମଗ୍ରୀର ସଙ୍ଗଠନ କରାଯାଇପାରିବ ଓ ସାଇତି ରଖାଯାଇପାରିବ । ସେ ପିଲାଙ୍କୁ ସାମଗ୍ରୀର ଦାୟିତ୍ୱ ଦେବେ ଓ ନିୟମିତ ବ୍ୟବଧାନରେ ଦାୟିତ୍ୱ ବଦଳାଇବେ । ପିଲାଙ୍କ ମଧ୍ୟ ଦାୟିତ୍ୱ ବୋଧ ଅଛି । ସେମାନେ ଯତ୍ନଶୀଳ ଓ ସମ୍ବେଦନଶୀଳ । ବିଭିନ୍ନ ବସ୍ତୁ ରଖିବା ପାଇଁ ଟ୍ରେ, ପୁରୁଣା ଝୁଡ଼ି ବା ଜୋତାବାକ୍ସ ଉତ୍ତମ ଅଟେ । ଏକ ବଡ଼ ବାକ୍ସରେ ବିଭିନ୍ନ ପ୍ରକାର ସାମଗ୍ରୀ ରଖି ଶିକ୍ଷକ ତାକୁ 'ମେଜିକ୍ ବାକ୍ସ' ନାଁ ଦେଇପାରିବେ । ବିଭିନ୍ନ ସମୟରେ ନୂଆ ନୂଆ ସାମଗ୍ରୀ ବାକ୍ସରେ ରଖାଯାଇପାରିବ ଓ ତା' ଫଳରେ ସେଥିରୁ କେଉଁ ଦିନ କ'ଣ ବାହାରିବ ଜାଣିବା ପାଇଁ ପିଲାମାନେ କୌତୁହଳ ହେବେ ।

କଳା ସାମଗ୍ରୀର ରକ୍ଷଣାବେକ୍ଷଣ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ଜଣେ ଶିକ୍ଷକ ଶ୍ରେଣୀରେ ଓ ବାହାରେ ସାମଗ୍ରୀ ପ୍ରଦର୍ଶନ କରିବେ । ଏହା ଏକ ପ୍ରଦର୍ଶନ ଫଳକରେ କାନ୍ଥରେ, ବାରଣ୍ଡାରେ  ବା ସ୍ତମ୍ଭରେ ହୋଇପାରେ । ଏହାଦ୍ୱାରା କଳା ପ୍ରତି ପିଲାଙ୍କ ଆଗ୍ରହ ବୃଦ୍ଧି ପାଇବ ଓ ସହପାଠୀ ମୂଲ୍ୟାୟନର ସୁବିଧା ମଧ୍ୟ ମିଳିବ । ଶ୍ରେଣୀରେ ଏକ 'ଶିଶୁ କୋଣ' ବା ସଂଗ୍ରହାଳୟ ସ୍ଥାପନ ମଧ୍ୟ ରକ୍ଷଣାବେକ୍ଷଣର ଆଉ ଏକ ଉପାୟ ।

## ୪.୪. ପ୍ରାଥମିକ ସ୍ତରରେ କଳାତ୍ମକ ଅନୁଭୂତି ପାଇଁ ସଙ୍ଗଠନ ଓ ସହାୟତା

ପିକାଶୋ ଲେଖିଥିଲେ 'ପ୍ରତ୍ୟେକ ପିଲା ଜଣେ କଳାକାର' । ପିଲାମାନେ ବୟସ ବଢ଼ିବା ସହ ଯେପରି 'କଳାକାର' ହୋଇ ରହନ୍ତି ତାହା ଜଣେ ଶିକ୍ଷକ ନିଶ୍ଚିତ କରିବା ଉଚିତ୍ । କଳା ଏକ ଆନନ୍ଦଦାୟକ ଉପାୟ

ଟିପ୍ପଣୀ

ଟିପ୍ପଣୀ

ଯାହା ମାଧ୍ୟମରେ ଆମେ ପିଲାଙ୍କ ବୁଦ୍ଧିକୁ ଲିପିବଦ୍ଧ କରିପାରିବା । ପିଲାଙ୍କ ପାଇଁ କଳା ଏକ ଶକ୍ତିଶାଳୀ ସାଧନ । କାରଣ ସେମାନେ ଲେଖିପଢ଼ି ଜାଣିବା ପୂର୍ବରୁ ଏହା ସେମାନଙ୍କୁ ନିଜ ଚିନ୍ତା ଓ ଆବେଗ ପ୍ରକାଶ କରିବାର ସାମର୍ଥ୍ୟ ଦିଏ । ଏକ କଳାତ୍ମକ କାର୍ଯ୍ୟ ହଜାରେ ଶବ୍ଦ ସହ ସମାନ । ଶିକ୍ଷକ ବିଭିନ୍ନ ବାଟରେ କଳାତ୍ମକ ଅନୁଭୂତିର ସହାୟତା କରିପାରିବେ । କଳାତ୍ମକ ଅନୁଭୂତିରେ –

- ଏକ ଉଦ୍ଦେଶ୍ୟ ଥାଏ ଯାହା ପ୍ରତ୍ୟେକ କଳାତ୍ମକ ରୂପର ଲକ୍ଷଣକୁ ଅନ୍ତର୍ଭୁକ୍ତ କରେ ।
- ପ୍ରତ୍ୟେକ ଦୃଶ୍ୟକଳାରେ, ସଙ୍ଗୀତ, ନାଟକ ଓ ନାଚର ସୁଯୋଗ ଥାଏ ।

## ୪.୪.୧. କଳା ଶିକ୍ଷାରେ ସହାୟତାର ଅର୍ଥ କ'ଣ ?

'ସହାୟତା'ର ଅର୍ଥ ହେଲା ଏହା ଏପରି ଏକ କାର୍ଯ୍ୟ ଯାହା ଅନ୍ୟର କାମକୁ ସହଜ କରିଥାଏ ଓ ଯେ ଏପରି କରିଥାଏ ତାଙ୍କୁ 'ସହାୟକ' ବୋଲି କୁହାଯାଏ । ସହାୟତା ଶିକ୍ଷାଦାନର ଏକ କଳା:

- ନିଜକୁ ପ୍ରକାଶ କରିବା ପାଇଁ ଆତ୍ମବିଶ୍ୱାସ ଯୋଗାଇବା ।
- ପିଲାଙ୍କୁ ସଙ୍ଗୀତ ଯନ୍ତ୍ରପାତି ବ୍ୟବହାର କରିବା ପାଇଁ ଖୋଲା ସୁଯୋଗ ଦେବା, ଯତ୍ନ ପାଇଁ ସତର୍କ କରାଇବା, ଟେପ୍ ରେକର୍ଡ଼ର ପାଇଁ ଦାୟୀ କରାଇବା ।
- ପ୍ରଚୁର କଳାତ୍ମକ ସାମଗ୍ରୀ ଯୋଗାଇ ପିଲା ନିଜେ ନିର୍ବାଚନ କରିନେବା ଓ ଅଭିନବ କିଛି ସୃଷ୍ଟି କରିବା ପାଇଁ ସାହାଯ୍ୟ କରିବା ।
- ଅପରିଷ୍କାର ଲୁଗା ଇତ୍ୟାଦି ବ୍ୟବହାର କରି ହାତ ଅପରିଷ୍କାର କରିବା ବିଷୟରେ ସତର୍କ କରି ଲୁଗାପଟା ଓ ପରିବେଶ ପରିଷ୍କାର ରଖିବା ଉପାୟ ସମ୍ବନ୍ଧରେ ଧାରଣା ଦେବା ।
- ନିକଟସ୍ଥ ପରିବେଶର ବସ୍ତୁ ମାଧ୍ୟମରେ ପିଲା ପାଖରେ ଧାରଣା ପହଞ୍ଚାଇବା ।
- ପିଲା ଯେପରି କାମଟି ସମ୍ପୂର୍ଣ୍ଣ କରେ ସେଥିପାଇଁ ଚେଷ୍ଟା କରିବା ।
- ବିଭିନ୍ନ ମତାମତ ଶୁଣି ପିଲା ଯେପରି ଗୁଳାରୁ ବାହାରି ଚିନ୍ତା କରିବ ପ୍ରେରିତ କରିବା ।
- ପିଲାଙ୍କୁ ବିଭିନ୍ନ ସମ୍ବଳ ଯଥା -ବହି , ୱେବ୍‌ସାଇଟ୍, CD, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଂଯୁକ୍ତ କରିବା ।
- ପିଲାଙ୍କୁ ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ କରିବା – ଶ୍ରେଣୀ ସଙ୍ଗଠନ, ପରିଷ୍କାର ରହିବା ସଚେତନତା, ଡେସ୍କ ଓ ଚୌକିର ସଙ୍ଗଠନ, ବିଦ୍ୟାଳୟ ଓ ଶ୍ରେଣୀ ଉଭୟ ପାଇଁ ନିଜର ଭାବର ବିକାଶ କରିବା ।

ଧାରଣା, କୌଶଳ ଓ ମନୋବୃତ୍ତିର ବିକାଶ ପାଇଁ ବିଧିବଦ୍ଧ ସହାୟତା ଶିକ୍ଷକଙ୍କ ପାଇଁ ଏକ ଆହ୍ୱାନ । ଶିକ୍ଷକ ସାମଗ୍ରୀ ଓ ସ୍ଥାନର ଉପଲବ୍ଧି ତଥା କିଛି ଶିକ୍ଷାର୍ଥୀଙ୍କ ବିଶେଷ ଆବଶ୍ୟକତା ସମ୍ବନ୍ଧରେ ଜାଣିବେ । ସହାୟତା ପାଇଁ କଳା ପାଇଁ ସୁଯୋଗ ଓ ଗଭୀର ଚିନ୍ତା ଓ ପ୍ରତିକ୍ରିୟା ମଧ୍ୟରେ ଭାରସାମ୍ୟ ରକ୍ଷା କରିବାକୁ ହେବ ।

### ନିଜ ଅଗ୍ରଗତି ଆକଳନ – ୬

୧. ପ୍ରସ୍ତୁତ କଳାତ୍ମକ ସାମଗ୍ରୀର ରକ୍ଷଣାବେକ୍ଷଣ ପାଇଁ ତୁମେ ଯେଉଁ ଦୁଇଟି ଉପାୟ ଅବଲମ୍ବନ କରିବା ଲେଖ ।

..........................................................................................................

..........................................................................................................

..........................................................................................................

..........................................................................................................



ଟିପ୍ପଣୀ

୨. ନିଜ ଭାଷାରେ 'ସହାୟତା'ର ବର୍ଣ୍ଣନା କର

......................................................................................................................................................

......................................................................................................................................................

......................................................................................................................................................

......................................................................................................................................................

## ୪.୪.୨. ସହାୟତା ପ୍ରକ୍ରିୟା

ପିଲାମାନେ ଯେତେବେଳେ ଯେଉଁଠି ଚାହିଁବେ ସେମାନଙ୍କୁ ଆବଶ୍ୟକ ସାମଗ୍ରୀ ଓ ସ୍ଥାନ ଯୋଗାଇବା ସହାୟକ ରୂପେ ତୁମର ଦାୟିତ୍ୱ ।

କାର୍ଯ୍ୟକ୍ରମକୁ ଦକ୍ଷତା ସହ ପରିଚାଳନା ପାଇଁ ତୁମେ ସହାୟତା ପ୍ରକ୍ରିୟା ଜାଣିବା ଆବଶ୍ୟକ -

ଉଦାହରଣ - ଜଣେ ଶିକ୍ଷକ ମନେ ରଖିବେ :

- ଶ୍ରେଣୀରେ 'ଯାଦୁ କା ପିଟାରା' ଭଳି ବାକ୍ସ ରଖିବେ । ଏଥିରେ ଅନେକ ଯନ୍ତ୍ରପାତି ଓ ସାମଗ୍ରୀ ରଖିବେ - ରଙ୍ଗୀନ୍ ପେନ୍‌ସିଲ୍, ମାର୍କର୍, ଜଳ ରଙ୍ଗ, ଅଠା, କାଗଜ, ପେନ୍‌ସିଲ୍ ଇତ୍ୟାଦି ।
- ଏକାଠୀ ଗାଇବା । ପିଲାଙ୍କୁ ସେମାନଙ୍କ ପ୍ରିୟ ଗୀତ ଗାଇବା ପାଇଁ କହ ଓ ତାପରେ ତହିଁରୁ ଖୋଜିବା ପାଇଁ କହ ।
- ବିଦ୍ୟାଳୟର ସମୟ ପରେ କଳାତ୍ମକ କାର୍ଯ୍ୟକ୍ରମ ଉପଭୋଗ କରିବା ପାଇଁ ସେମାନଙ୍କୁ ଉତ୍ସାହିତ କର । ସପ୍ତାହନ୍ତ ଦିନ ବା ଛୁଟି ସମୟରେ ବିଭିନ୍ନ ଗୋଷ୍ଠୀ ଓ ଅବସର ବିନୋଦନ କେନ୍ଦ୍ର ଏଗୁଡ଼ିକର ଆୟୋଜନ କରନ୍ତି ।
- କ୍ଷେତ୍ର ପରିଦର୍ଶନର ଆୟୋଜନ କର ଯେପରି ପିଲାମାନେ ବାସ୍ତବ ଦୁନିଆର ଧାରଣା ଅନୁଭୂତି ହାସଲ କରିବେ ।
- ତମ କ୍ଲାସ୍‌ରେ CD, ସଙ୍ଗୀତ ଯନ୍ତ୍ରପାତି, TV ଓ କମ୍ପ୍ୟୁଟର୍ ରଖ ।
- ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଉପଯୁକ୍ତ ସ୍ଥାନ ରଖ ।
- ଗୀତ, କବିତା, ଗପର ଏକ ସଂଗ୍ରହ ରଖ ଯାହା ଗୀତ, ନାଚ ଓ ଅଭିନୟ ପାଇଁ ବ୍ୟବହାର ହୋଇପାରିବ ।
- ଗୀତ /ନାଚ /ଡ୍ରାମା ଶ୍ରେଣୀର ପ୍ରସଙ୍ଗ ଯଥା ପ୍ରକୃତି, ଆକୃତି, ମାପ, ଭାରସାମ୍ୟ ଇତ୍ୟାଦି ଆଧାରିତ ହୋଇପାରିବ ।
- ସରଳ ସଙ୍ଗୀତ ଯନ୍ତ୍ରପାତି (ଏପରିକି ଅଞ୍ଚଳରେ ମିଳୁଥିବା ସାମଗ୍ରୀରୁ ପିଲା ପ୍ରସ୍ତୁତ କରିଥିବା), ଅନ୍ୟ ସମ୍ପତ୍ତି ଯଥା ଦୁପଟ୍ଟା, କାଠି, ବାଲି ଗରଡା, ରଙ୍ଗୀନ ଯବନିକା ଇତ୍ୟାଦି ରଖ ଯାହା ଉପସ୍ଥାପନାରେ ବ୍ୟବହାର ହୋଇପାରିବ ।
- ପ୍ରଚୁର ଅଧ୍ୟୟନ କର ଯେପରି ପିଲା ଯେକୌଣସି ପ୍ରଶ୍ନ ପଚାରିଲେ ଉତ୍ତର ଦେଇପାରିବ ।
- ଭିଡିଓ କ୍ଲିପ୍‌ର ଅଧ୍ୟୟନ ପାଇଁ ଆଗୁଆ କମ୍ପ୍ୟୁଟର୍ ଓ ପ୍ରୋଜେକ୍ଟର୍‌ର ଆୟୋଜନ କର ।
- ଶ୍ରେଣୀରେ ବ୍ୟବହାର ପୂର୍ବରୁ ଭିଡିଓ କ୍ଲିପ୍‌ର ପରଦାରେ ପ୍ରଦର୍ଶନ କର ।

ସବୁଠୁ ମହତ୍ୱପୂର୍ଣ୍ଣ ଉପାଦାନ ହେଲା ତୁମର ଆଗ୍ରହ । ପ୍ରକ୍ରିୟାର ପ୍ରତ୍ୟେକ ସୋପାନରେ ଉପସ୍ଥିତ ରହି ପ୍ରଶଂସା ଓ ଉତ୍ସାହିତ କର ।

ଟିପ୍ପଣୀ

**ନିଜ ଅଗ୍ରଗତି ଆକଳନ - ୭**

୧. ଏକ କାର୍ଯ୍ୟକ୍ରମରେ ପିଲାଙ୍କ ସହାୟତା ପାଇଁ ଶିକ୍ଷକ କ'ଣ ମନରେ ରଖିବେ ? ଯେକୌଣସି ଚାରୋଟି ଉଲ୍ଲେଖ କର -

..........................................................................................................................................

..........................................................................................................................................

..........................................................................................................................................

..........................................................................................................................................

## ୪.୫. ସାରାଂଶ

ଏହି ଅଧ୍ୟାୟରେ ତୁମେ କଳାତ୍ମକ ଅନୁଭୂତିର ଅର୍ଥ ଓ ମହତ୍ୱ ସମ୍ବନ୍ଧରେ ଶିଖିଲ । ଆହୁରି ମଧ୍ୟ ତୁମେ ଯୋଜନା ପ୍ରସ୍ତୁତି ବିଷୟରେ ଶିଖିଲ । କାରଣ କେବଳ ଏକ ଯୋଜନା ହୋଇଥିବା ପନ୍ଥା ହିଁ ଆଶା କରାଯାଇଥିବା ଫଳ ଦିଏ । ଇତଃସ୍ତତ ପନ୍ଥା ବାଟ ଓ ପ୍ରକ୍ରିୟାକୁ ବନ୍ଦ କରେ । ପ୍ରତ୍ୟେକ ସମ୍ପାଦନ ପୂର୍ବରୁ ଯୋଜନା ନିଶ୍ଚିତ ହେବା ଉଚିତ୍ । ସେ ଯା ହେଉ କାର୍ଯ୍ୟକ୍ରମଟିର ଆରମ୍ଭ ଓ ତାହାର ସମ୍ପାଦନରେ ହିଁ ଆହ୍ୱାନ ଥାଏ । ଏଠି ଜଣେ ଶିକ୍ଷକ କଳା ପାଇଁ ସାମଗ୍ରୀ, ସମୟ ଓ ସ୍ଥାନର ଆୟୋଜନ କରନ୍ତି । ଏ ତିନୋଟିର ଆୟୋଜନ ପରେ କଳାତ୍ମକ ଅନୁଭୂତି ପାଇଁ ଶିକ୍ଷକ ଅଭିପ୍ରେରିତ କରିପାରିବେ । ବାସ୍ତବ ସମସ୍ୟାର ମୁକାବିଲା ପାଇଁ ଓ ପିଲାଙ୍କ ଆଗ୍ରହ ବଜାୟ ରଖିବା ପାଇଁ ଶିକ୍ଷକ ପିଲାଙ୍କୁ ଉତ୍ସାହିତ ଓ ଅଭିପ୍ରେରିତ କରିବା ଆବଶ୍ୟକ । ଉପର ବର୍ଣ୍ଣିତ ପାଠ ସହାୟତା ପ୍ରକ୍ରିୟାର ବ୍ୟାଖ୍ୟା କରିଛି । ପ୍ରତ୍ୟେକ ପିଲା ଯେପରି କଳା ଶ୍ରେଣୀରେ ଭାଗ ନେବେ ସେଥିପାଇଁ ଏବେ ତୁମେ ସହଜରେ ଏକ ଆରାମପ୍ରଦ, ମୁକ୍ତ ଓ ଅନୁକୂଳ ପରିବେଶ ସୃଷ୍ଟି କରିପାରିବ ।

## ୪.୬. ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

**ନିଜ ଅଗ୍ରଗତି ଆକଳନ - ୧**

୧. ଅନୁଭୂତି ଏକ ପ୍ରକ୍ରିୟା ଯାହା ଏକ କଳାତ୍ମକ କାର୍ଯ୍ୟ ବେଳେ ହୋଇଥାଏ ଓ ପିଲା ନିଜକୁ ପ୍ରକାଶ କରିପାରେ ଓ କଳା ଜରିଆରେ ନିଜକୁ ସମ୍ପୂର୍ଣ୍ଣ ଓ ସନ୍ତୁଷ୍ଟ ଅନୁଭବ କରେ ।

୨. କଳାକୁ ଅନୁଭବ କରିବା ପାଇଁ ସୁଯୋଗ ଦେବା ଖୁବ୍ ଗୁରୁତ୍ୱପୂର୍ଣ୍ଣ । କାରଣ ଏହା ଦ୍ୱାରା ପିଲା କିଛି ନୂଆ ସୃଷ୍ଟି କରିପାରେ ଓ ଧାରଣା ଓ ସାମଗ୍ରୀ ମଧ୍ୟରେ ସମ୍ପର୍କ ସ୍ଥାପନ କରିପାରେ ।

୩. ପିଲାମାନେ ଯୋଜନା କରିବାକୁ ଚାହୁଁଥିବା କଳାତ୍ମକ ଅନୁଭୂତିର ସୋପାନ ଗୁଡ଼ିକର ବ୍ୟାଖ୍ୟା କରନ୍ତି ।

**ନିଜ ଅଗ୍ରଗତି ଆକଳନ - ୨**

୧. ତୁମ ପସନ୍ଦର ଚାରୋଟି କଳା କାର୍ଯ୍ୟକ୍ରମର ପ୍ରସ୍ତାବ ଦିଅ ।

୨. କ) ଆବଣ୍ଟିତ ସମୟ, ଖ) ଉପଲବ୍ଧ ସ୍ଥାନ, ଗ) ଶ୍ରେଣୀ ପିଲାଙ୍କ ସ୍ତର ।

**ନିଜ ଅଗ୍ରଗତି ଆକଳନ - ୩**

୧. ଆମେ କଳାକୁ ଅନ୍ୟ ବିଷୟ ସହିତ ସମନ୍ୱିତ କରିପାରିବା ।

**ନିଜ ଅଗ୍ରଗତି ଆକଳନ- ୪**

| | |
|---|---|
| ୧. ସାମଗ୍ରୀ | କଳାର ରୂପ |
| ସଙ୍ଗୀତ ଯନ୍ତ୍ରପାତି | ନାଚ |



ଟିପ୍ପଣୀ

| | |
|---|---|
| ଶାଢ଼ୀ | ଚରିତ୍ର ଅଭିନୟ |
| ପୁରୁଣା ପତ୍ରିକା | କୋଲାଜ୍ ପ୍ରସ୍ତୁତି |
| ମାଇକ୍ | କଣ୍ଢେଇ ନାଚ |
| ରଙ୍ଗର ତୁଳୀ | ଚିତ୍ରାଙ୍କନ (ରଙ୍ଗ କରିବା) |

**ନିଜ ଅଗ୍ରଗତି ଆକଳନ - ୫**

୧. ଦୋକାନ

୨. ଶ୍ରେଣୀ କୋଠରୀ, ଏକ ଚଟାଣ, ଏକ ଛାତ, ସିଢ଼ିଘର, କରିଡର୍, ଖମ୍ବ ସହ ବାରଣ୍ଡା, - ମଞ୍ଚ ସଜ୍ଜା ପାଇଁ ଚମତ୍କାର ଭାବେ ଉପଯୋଗୀ ।

୩. କୁମ୍ଭାର ଗୋଷ୍ଠୀ ପିଲାଙ୍କ ଶିକ୍ଷା ପାଇଁ ସାମଗ୍ରୀ ଓ କୌଶଳ ଯୋଗାଇ ସାହାଯ୍ୟ କରିପାରିବେ । ସେମାନଙ୍କ ବିଭିନ୍ନ ବୃତ୍ତିଗତ କୌଶଳ, କୁଶଳି କାରିଗରୀ ପଣିଆ ପାଇଁ ଏକ ବୃହତ୍ ସମ୍ବଳ ।

**ନିଜ ଅଗ୍ରଗତି ଆକଳନ - ୬**

୧. (i) ଟ୍ରେ ବା ପୁରୁଣା ଝୁଡ଼ି ବା ଯୋତା ବାକ୍ସ ବିଭିନ୍ନ ବସ୍ତୁ ରଖିବା ପାଇଁ ଉତ୍ତମ ସ୍ଥାନ ଅଟେ ।

(ii) ପ୍ରଦର୍ଶନ ଫଳକ, କାନ୍ଥ, କରିଡର୍, ସ୍ତମ୍ଭ ଇତ୍ୟାଦି ।

୨. ସହାୟତା ଏକ ଉପାୟ ଯାହାଦ୍ୱାରା ଅନ୍ୟକୁ ଏପରି ସାହାଯ୍ୟ କରାଯାଏ ଯା' ଫଳରେ ଜଣେ ନିଜର କାମ ସହଜରେ କରିପାରେ । ଏହା ଏକ କୌଶଳ ଯାହାଦ୍ୱାରା ଶିକ୍ଷକ ପିଲାର ସମ୍ପାଦନ ସାମର୍ଥ୍ୟରେ ଉନ୍ନତି ଆଣି ପାରିବେ ।

**ନିଜ ଅଗ୍ରଗତି ଆକଳନ - ୭**

୧-୪.୪.୨. ଉପର ଶିରୋନାମା 'ସହାୟତା ପ୍ରକ୍ରିୟା'ର ଯେକୌଣସି ୪ଟି ଉଦାହରଣ ।

## ୪.୭ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


- Contemporary Art In India A Perspective Pran Nath Mago NBT
- Devi Prasad (1998) Art: The Basis of Education.
- Devi Prasad (1999) Shiksha Ka Vahan: Kala (Hindi).
- Mary Ann Dasgupta (2004) Low-Cost/ No-Cost Teaching Aids.
- Devi Prasad (2001) Rabindranath Tagore: Philosophy of Education and Painting.
- Suresh Awasthi (2006) Performance Tradition in India.
- Rabindranath Tagore, My Reminiscences 1917Rekha Jain (Ed.), Bal Rang: Bacchon ke Rangmanch—Siddhant aur Beohar, New Delhi, RajkamalPrakashan, 2006
- Barry John, Cathy Yogin, Rajan Chawla, Playing for Real: Using Drama in the Classroom—A Teacher's Handbook New Delhi, Macmillan, 2007
- Rang Manch –Newsletter published by NSD

ଟିପ୍ପଣୀ

## ୪.୮. ପାଠାନ୍ତ ପ୍ରଶ୍ନାବଳୀ

୧. ଏକ କଳାତ୍ମକ କାର୍ଯ୍ୟର ଯୋଜନାର ୪ଟି ସୋପାନ ଲେଖ ?

୧..........................................................................................................................

୨..........................................................................................................................

୩..........................................................................................................................

୪..........................................................................................................................

୨. ସଙ୍ଗଠନ ଓ ସହାୟତାର ଅର୍ଥ ଓ ମହତ୍ୱର ବ୍ୟାଖ୍ୟା କର ।

୩. ଏକ ନାଚ କାର୍ଯ୍ୟକ୍ରମ ପାଇଁ ସାମଗ୍ରୀ ଆୟୋଜନରେ ଜଣେ ଶିକ୍ଷକ କେଉଁ ବିଷୟ ମନରେ ରଖିବେ ?

୪. ବିଦ୍ୟାଳୟରେ ପ୍ରେକ୍ଷାଳୟ ନଥିବା ସ୍ଥଳେ ଦିପାବଳୀ ପାଳନ ପାଇଁ ତୁମେ କିପରି ସ୍ଥାନର ଆୟୋଜନ କରିବ ?

୫. କଳାତ୍ମକ କାର୍ଯ୍ୟକ୍ରମରେ ସହାୟତା କଲାବେଳେ କେଉଁସବୁ ଦିଗକୁ ତୁମେ ମନରେ ରଖିବ ?